بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ: 9

ସମ୍ପାଦକ:

କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ Weekly BADAR Qadian କାଦିଆନ Odia

ସଂଖ୍ୟା: 33

ବାର୍ଷିକ ଦେୟ : 600/-

www.akhbarbadr.in

09 ସଫର୍ 1446 ହି.କ, 15 ଜହୁର୍ 1403 ହି.ଶ, 15 Aug-2024 ମସିହା


## ଅଲ୍ଲାଃତାଲାଙ୍କ ବାଣୀ

وَاَقِمِ الصَّلٰوةَ طَرَفَيِ النَّهَارِ وَزُلَفًا مِّنَ الَّيْلِ اِنَّ الْحَسَنٰتِ يُذْهِبْنَ السَّيِّاٰتِ

(ଅଲ୍ ହୁଦ୍: 115)

**ଅନୁବାଦ:** ଏବଂ ତୁମେମାନେ ଦିବସର ଦୁଇ ପ୍ରାନ୍ତରେ ଓ ରାତ୍ରର ବିଭିନ୍ନ ସମୟରେ ସୁଚାରୁ ରୂପେ ନମାଜ ପାଠ କର । ବାସ୍ତବରେ ପୁଣ୍ୟ କାର୍ଯ୍ୟଗୁଡ଼ିକ ପାପ କାର୍ଯ୍ୟଗୁଡ଼ିକୁ ଦୂର ତଥା ସମାପ୍ତ କରିଦିଏ। ଯେଉଁମାନେ ଅଲ୍ଲାଃଙ୍କୁ ସ୍ମରଣ କରୁଥାନ୍ତି ତେବେ ଏହା ଶିକ୍ଷା ଅର୍ଥାତ୍ ଅଲ୍ଲାଃଙ୍କର ଶିକ୍ଷା ସେମାନଙ୍କ ସକାଶେ ଏକ ଉପଦେଶ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନ୍ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । **ଆମିନ୍** ।

## ଆଁହଜରତ ସ.ଅଙ୍କ ବାଣୀ

**ଯଦି କୌଣସି ବ୍ୟକ୍ତି କିଛି ଦାନ କରିବାକୁ କହେ ଏବଂ ଦାନ କରିବା ପୂର୍ବରୁ ହିଁ ତା'ର ମୃତ୍ୟୁ ଘଟେ**

**(2598)** ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି, ନବୀ କରୀମ୍ ସ.ଅ ମୋତେ କହିଲେ, ହେ ଜାବିର୍! ମୋ ନିକଟକୁ ବାହାରେନ୍‌ର ଧନ ସମ୍ପତ୍ତି ଯଦି ଆସେ ତେବେ ମୁଁ ତୁମକୁ ଏପରି ଦେବି ସେପରି ଦେବି। ଆଁହଜରତ ସ.ଅ ମୋତେ ଉକ୍ତ କଥା ତିନି ଥର କହିଲେ । ଅତଏବ୍ ସେହି ଧନ ସେତେବେଳେ ଆସିଲା ଯେତେବେଳେ ନବୀ କରୀମ୍ ସ.ଅଙ୍କ ଅକାଳ ବିୟୋଗ ହୋଇ ସାରିଥିଲା ଏବଂ ହ. ଅବୁ ବକ୍କର ର.ଅ ଜଣେ ଡାକରା ଦେଉଥିବା (ଉଦ୍‌ଘୋଷକ)ବ୍ୟକ୍ତିକୁ ଆଦେଶ ଦେଲେ, ତେବେ ସେହି ଡାକରା ଦେଉଥିବା ବ୍ୟକ୍ତି ଜଣକ ଏହି ଡାକରା ଦେଲା ଯେ, ନବୀ କରୀମ୍ ସ.ଅଙ୍କ ଉପରେ ଯେଉଁ ବ୍ୟକ୍ତିର ଧାର କରଜ ଥିବା କିମ୍ବା ଆପଣ ସ.ଅ କାହାକୁ କିଛି ଦେବା ପାଇଁ ପ୍ରତିଶୃତି କରିଥିଲେ ତେବେ ସେହି ବ୍ୟକ୍ତି ମୋ ପାଖକୁ ଆସୁ । ସୁତରାଂ ମୁଁ ହ. ଅବୁ ବକ୍କର ର.ଅଙ୍କ ନିକଟକୁ ଗଲି ଏବଂ ମୁଁ କହିଲି ହେ ଅବୁ ବକ୍କର ! ଆଁହଜରତ ସ.ଅ ମୋତେ ଅମକ ଜିନିଷ ଦେବା ନିମନ୍ତେ ପ୍ରତିଶୃତି କରିଥିଲେ, ତେବେ ହ. ଅବୁ ବକ୍କର ର.ଅ ମୋତେ ତିନି ଲପ୍ (ମୁଠାଏ ପରାମାଣର) ଭର୍ତ୍ତି କରି ଧନ ପ୍ରଦାନ କଲେ ।

### ଦକ୍ଷିଣ ପାର୍ଶ୍ୱର ମହତ୍ତ୍ୱ

**(2602)**ହ. ସହଲ୍ ବିନ୍ ସାଆଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅଙ୍କ ନିକଟକୁ ଏକ ପାନୀୟ ବସ୍ତୁ ପାନ କରିବା ନିମନ୍ତେ ଅଣାଗଲା । ଆପଣ ସ.ଅ ସେହି ପାନୀୟ ବସ୍ତୁକୁ ପାନ କଲେ । ଆପଣ ସ.ଅଙ୍କ ଦକ୍ଷିଣ ପାର୍ଶ୍ୱରେ ଜଣେ ବାଳକ ଥିଲା ଓ ଆପଣ ସ.ଅଙ୍କ ବାମ ପାର୍ଶ୍ୱରେ ବୟୋଜ୍ୟୋଷ୍ଠ ଲୋକମାନେ ବସିଥିଲେ । ଆପଣ ସ.ଅ ଉକ୍ତ ବାଳକକୁ ପଚାରିଲେ, ହେ ବାଳକ ! ତୁମେ ମୋତେ ଏହି ଅନୁମତି ଦେଇ ପାରିବ କି ମୁଁ ଉକ୍ତ ପାନୀୟକୁ ସେମାନଙ୍କୁ ଦେଇ ଦେବି ? ଉକ୍ତ ବାଳକ ଜଣକ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୋତେ ଯେଉଁ ଅଂଶ ପ୍ରାପ୍ତ ହୋଇଛି ମୁଁ ମୋ ବ୍ୟତୀତ ଉକ୍ତ ଅଂଶକୁ କାହାରିକୁ ପ୍ରଦାନ କରିବି ନାହିଁ । ପ୍ରତ୍ୟୁତ୍ତରରେ ଆପଣ ସ.ଅ ଉକ୍ତ ବାଳକ ହସ୍ତରେ ସେହି ପିଆଲାକୁ ଦେଇ ଦେଲେ । **(ବୁଖାରୀ କିତାବ୍ ଇଲାହିୟାହ୍)**

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ମୋତେ ଏକ ଆକାଶୀୟ ବ୍ୟକ୍ତି ରୂପେ ମନେକର, ପୁନଶ୍ଚ ସମସ୍ତ କଳହ ଏବଂ ସମସ୍ତ ଉପଦ୍ରବ, ହିଂସା ଯାହାକି ମୁସଲମାନମାନଙ୍କ ମଧ୍ୟରେ ବ୍ୟାପିଛି ତାହାର ସମାଧାନ ସହସା ହୋଇଯିବ । ମୋ ନିକଟକୁ ଆସ, ମୋ କଥା ଶୁଣ, କାରଣ ତୁମକୁ ସତ୍ୟ ଦୃଶ୍ୟମାନ ହେବ, ପ୍ରକୃତ କ୍ଷମା ଯାଚନା କରି ବିଶ୍ୱାସକାରୀ ବ୍ୟକ୍ତି ହୋଇଯାଅ, ତୁମେ ଯେଉଁ ଧର୍ମାଧ୍ୟକ୍ଷଙ୍କୁ ଅପେକ୍ଷା କରୁଥିଲ ସେହି ଧର୍ମାଧ୍ୟକ୍ଷ ମୁଁ ଅଟେ, ତୁମେମାନେ ମୋ ଠାରୁ ଏହାର ପ୍ରମାଣ ନିଅ ।**

ମୋର ଅସ୍ତିତ୍ୱ ଜଣେ ସାଧାରଣ ମୌଲବୀର ଅସ୍ତିତ୍ୱ ପରି ନୁହେଁ । ବରଂ ମୋର ଅସ୍ତିତ୍ୱ ଅବତାରମାନଙ୍କର ପରମ୍ପରାର ଅସ୍ତିତ୍ୱ ପରି ଅଟେ । ମୋତେ ଏକ ଆକାଶୀୟ ବ୍ୟକ୍ତି ବୋଲି ମନେକର । ପୁନଶ୍ଚ ସେହି ସମସ୍ତ କଳହ ଏବଂ ସମସ୍ତ ଉପଦ୍ରବ ତଥା ହିଂସା ଯାହାକି ମୁସଲମାନମାନଙ୍କ ମଧ୍ୟରେ ବ୍ୟାପିଛି ତାହା ସହଜେ ସମାଧାନ ସହସା ହୋଇଯିବ । ଅର୍ଥାତ୍ ସମାପ୍ତ ହୋଇଯିବ ।

ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ପକ୍ଷରୁ ନିଯୁକ୍ତ ଏବଂ ନିୟୋଜିତ ହୋଇ ନର୍ଣ୍ଣୟକାରୀ ଏବଂ ବିଚାରକ ହୋଇ ଆସିଅଛି । ସେ ପବିତ୍ର କୁରଆନ୍ କରୀମ୍‌ର ଯେଉଁ ଅର୍ଥ କରିବ ତାହା ହିଁ ସଠିକ୍ ହେବ ଏବଂ ସେ ଯେଉଁ ହଦିସ୍‌କୁ ସଠିକ୍ ବୋଲି ବିବେଚିତ କରିବ ସେହି ହଦିସ୍ ସଠିକ୍ ବୋଲି ବିବେଚିତ ହେବ । ଅନ୍ୟଥା ଦେଖ ! ଶିୟା ସୁନ୍ନୀ ମଧ୍ୟରେ ଥିବା କଳହ ଆଜି ପର୍ଯ୍ୟନ୍ତ ସମାପ୍ତ ହୋଇ ନାହିଁ । ମୁଁ କହୁଛି ଯେପର୍ଯ୍ୟନ୍ତ ଏହି ପନ୍ଥାକୁ ପରିତ୍ୟାଗ କରି ତୁମେମାନେ ମୋ ମଧ୍ୟ (ସଂପ୍ରଦାୟ)ରେ ପ୍ରବିଷ୍ଟ ହୋଇ ଦେଖିନେଇ ନାହଁ, ସେପର୍ଯ୍ୟନ୍ତ ତୁମେମାନେ ଉକ୍ତ ସତ୍ୟ ପର୍ଯ୍ୟନ୍ତ କଦାପି ପହଞ୍ଚି ପାରିବ ନାହିଁ । ସେହି ଲୋକମାନେ ଯଦି ବିଶ୍ୱାସ ନକରନ୍ତି ତେବେ ଅନ୍ତତଃ ଏତିକି ବିଶ୍ୱାସ ତ' ହେବା ଉଚିତ୍ ଯେ, ଶେଷରେ ମୃତ୍ୟୁବରଣ ଅବଶ୍ୟାମ୍ଭୀ ଏବଂ ମୃତ୍ୟ ପରେ ପାପମୟ ପଙ୍କରୁ କେବେ ବି ମୁକ୍ତି ଓ ନିସ୍ତାର ମିଳିପାରିବ ନାହିଁ । ଯେତେବେଳେ ଜଣେ ସାଧୁ ବ୍ୟକ୍ତି ନିକଟରେ ଅନ୍ୟାୟ ଓ ଅତ୍ୟାଚାର ପ୍ରିୟ ବସ୍ତୁ ନୁହେଁ ତେବେ ସେହି ପବିତ୍ର ପରମେଶ୍ୱରଙ୍କ ନିକଟରେ ଉପାସନା କିପରି ବୈଧ ହୋଇ ପାରିବ ?

ସୁତରାଂ ମୁଁ ତୁମକୁ କହୁଛି ଯେ, ମୋ ପାଖକୁ ଆସ, ମୋ କଥା ଶୁଣ କାରଣ ସତ୍ୟ ତୁମମାନଙ୍କୁ ଦୃଶ୍ୟମାନ ହେଉ । ମୁଁ ତ' ସମସ୍ତ ପରିଛଦ ଓହ୍ଲାଇ ଦେବାକୁ ଚାହୁଁଛି। ପ୍ରକୃତ କ୍ଷମାଯାଚନା କରି ବିଶ୍ୱାସକାରୀ ହୋଇଯାଅ । ପୁନଶ୍ଚ ମୁଁ ତୁମକୁ କହି ଦେଉଛି ଯେ, ତୁମେ ଯେଉଁ ଧର୍ମାଧ୍ୟକ୍ଷଙ୍କୁ ଅପେକ୍ଷା କରୁଛ ସେହି ଧର୍ମାଧ୍ୟକ୍ଷ ମୁଁ ଅଟେ । ଏହାର ପ୍ରମାଣ ତୁମେମାନେ ମୋ ଠାରୁ ନିଅ। ମୁଁ ତୁମମାନଙ୍କୁ ପ୍ରମାଣ ଦେବି । ତେଣୁ ମୁଁ ସେହି ବ୍ୟବଧାନ ବା ଦୂରବର୍ତ୍ତୀ ଖଲିଫାଙ୍କ ପ୍ରଶ୍ନକୁ ସମ୍ମାନ ଚକ୍ଷୁରେ ଦେଖିଲି ନାହିଁ । ମୁଁ ଏପରି ପ୍ରଶ୍ନ କ'ଣ କରିବି? ସେହି ଅପବିତ୍ର, ପାପୀମାନଙ୍କୁ ଉଦ୍ଧାର କରିବା ନିମନ୍ତେ ପ୍ରଭୁ ମୋତ ପ୍ରେରଣ କରିଛନ୍ତି ।

ଦେଖ ! ସୁନ୍ନୀମାନେ ସେହି ହଦିସ୍‌ଗୁଡ଼ିକୁ ନିରର୍ଥକ ବୋଲି ବିବେଚିତ କରନ୍ତି । ଅପର ପକ୍ଷେ ଏମାନେ ନିଜର ହଦିସ୍‌ଗୁଡ଼ିକୁ ଉଚ୍ଚ, ସମୀପବର୍ତ୍ତୀ, ନିରନ୍ତର ଓ ଆଏମା (ଇମାମର ବହୁ ବଚନ ଅର୍ଥାତ୍ ଧର୍ମାଧ୍ୟକ୍ଷମାନେ)ଙ୍କ ଦ୍ୱାରା ବର୍ଣ୍ଣିତ ବୋଲି ବିବେଚିତ କରନ୍ତି । ଆମେ କହୁ କି ଏହି ସମସ୍ତ କଳହ ବ୍ୟର୍ଥ ଓ ନିରର୍ଥକ ଅଟେ । ବର୍ତ୍ତମାନ ମଲା (ପୁରୁଣା) କଥାକୁ ଛାଡ଼ ଏବଂ ଏକ ଜୀବନ୍ତ ଇମାମ୍ (ଧର୍ମାଧ୍ୟକ୍ଷ)ଙ୍କୁ ଚିହ୍ନ। କାରଣ ତୁମକୁ ଜୀବନର ଏକ ଆତ୍ମା ପ୍ରାପ୍ତ ହେଉ। ଯଦି ତୁମେମାନେ ଈଶ୍ୱରଙ୍କୁ ଅନ୍ୱେଷଣ କରୁଛ ତେବେ ତୁମେମାନେ ସେହି ବ୍ୟକ୍ତିକୁ ଅନ୍ୱେଷଣ କର ଯିଏ ଈଶ୍ୱରଙ୍କ ତରଫରୁ ନିଯୁକ୍ତ ହୋଇ ଆସିଅଛି । ଯଦି କୌଣସି ବ୍ୟକ୍ତି ଦୁଷ୍ଟତା, ଚପଳତା, ପାପ ତଥା ଅନ୍ତର୍ମଳୀନତାକୁ ପରିତ୍ୟାଗ କରେ ନାହିଁ ତେବେ ଆମେ କ'ଣ ଅନ୍ଧ ଅଟୁ ? କପଟ ବିଶ୍ୱାସୀ ବ୍ୟକ୍ତିର ହୃଦୟରେ ଥିବା ଦୁର୍ଗନ୍ଧକୁ ଶୁଂଘି ପାରୁ ନାହଁ ? ଆମେ ମନୁଷ୍ୟମାନେ ତୁରନ୍ତ ଜାଣି ନେଇଥାଉ ଯେ, ତା' ଉକ୍ତ କାରଣ ଯୋଗୁଁ ଅଟେ ।

ସୁତରାଂ ମନେରଖ ! ମୁଁ ଯେଉଁ ମାର୍ଗ ସଂପର୍କରେ ତୁମମାନଙ୍କୁ କହୁଛି ଈଶ୍ୱର ସେହି ମାର୍ଗକୁ ପସନ୍ଦ କରିଛନ୍ତି ଓ ଏହି ସମୀପବର୍ତ୍ତୀ ମାର୍ଗ ସେ ହିଁ ବାହାର କରିଛନ୍ତି । ଦେଖ ରେଳ ଭଳି ଆରାମଦାୟକ ଯାନକୁ ଛାଡ଼ି ଏକ ବିକଳାଙ୍ଗ ମନ୍ଥର ଗତିର ଗଧ ଉପରେ ଆରୋହଣ ହୋଇ ଜଣେ ବ୍ୟକ୍ତି କେବେ ବି ଲକ୍ଷ୍ୟ ସ୍ଥଳ ପର୍ଯ୍ୟନ୍ତ ପହଞ୍ଚି ପାରେ ନାହିଁ । ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଏହି ଲୋକମାନେ ଈଶ୍ୱରଙ୍କ

କଥାକୁ ଛାଡ଼ି ଜୈଦ୍, ବକରଙ୍କ (ଅର୍ଥାତ୍ ଅମକ ଅମକ ବ୍ୟକ୍ତିଙ୍କ) କଥାକୁ ଗୁରୁତ୍ୱ ଦିଅନ୍ତି । ସେମାନଙ୍କୁ ଟିକେ ପଚାର ତ' ସେହି ହଦିସ୍‌ଗୁଡ଼ିକ ସେମାନଙ୍କୁ କିଏ ଦେଇଛି ?

ମୁଁ ତ' ବାରମ୍ବାର ଏହା ହିଁ କହୁଛି ଯେ, ମୋର ଏହି ପନ୍ଥା ରହିଛି ଯେ, ତୁମେମାନେ ନୂତନ ରୂପେ ମୁସଲମାନ ହୁଅ । ତେବେ ଅଲ୍ଲାଃତାଲା ପ୍ରକୃତ ବାସ୍ତବତାକୁ ଉନ୍ମୁକ୍ତ କରିଦେବେ । ମୁଁ ସତ ସତ କହୁଛି ଯେ, ସେହି ଲୋକମାନେ ଯେଉଁମାନେ ଇମାମ୍ (ଧର୍ମାଧ୍ୟକ୍ଷ)ଙ୍କ ସହିତ ପ୍ରେମ କରିବାରେ ଏପରି ଅତିଶୟୋକ୍ତି ପ୍ରୟୋଗ କରନ୍ତି, ସେହି ଧର୍ମାଧ୍ୟକ୍ଷମାନେ ଯଦି ଜୀବିତ ଥାଆନ୍ତେ ତେବେ ସେମାନେ ସେହି ଲୋକମାନଙ୍କ ପ୍ରତି ଅନାସକ୍ତ ଭାବେ ପ୍ରକାଶ କରନ୍ତେ ।

ମୁଁ (ହ. ମସିହ୍ ମଉଦ୍ ଅ.ସ ନିଜେ କହୁଛନ୍ତି) ଯେତେବେଳେ ଏପରି ଲୋକମାନଙ୍କ ଠାରୁ ବର୍ତ୍ତିବାକୁ ଚେଷ୍ଟା କରେ ତେବେ ସେହି ଲୋକମାନେ କୁହନ୍ତି ଯେ, ଆମେମାନେ ମିର୍ଜା ସାହେବଙ୍କୁ ଏପରି ପ୍ରଶ୍ନ କଲୁ ଓ ତାଙ୍କ ଉପରେ ଆପତ୍ତି କଲୁ ଯେ, ସେ କୌଣସି ଉତ୍ତର ଦେଇ ପାରିଲେ ନାହିଁ । ପୁନଶ୍ଚ ବେଳେବଳେ ସେମାନେ ବିଜ୍ଞାପନ ଦେଇ ବୁଲୁଥାଆନ୍ତି । କିନ୍ତୁ ମୁଁ ଏପରି କଥାକୁ ଆଦୌ ଭ୍ରୂକ୍ଷେପ କରୁ ନାହିଁ । ମୁଁ ତ' ତାହା ହିଁ କରିବି ଯାହା ମୋର କର୍ତ୍ତବ୍ୟ ଅଟେ ।

ଅତଏବ୍ ମନେରଖ ! ଖିଲାଫତ୍‌ର ପୁରୁଣା କଳହକୁ ପରିତ୍ୟାଗ କରିଦିଅ । ବର୍ତ୍ତମାନ ନୂତନ ଖିଲାଫତ୍‌କୁ ଗ୍ରହଣ କର । ତୁମମାନଙ୍କ ମଧ୍ୟରେ ଜୀବିତ ଅଲୀ ବିଦ୍ୟମାନ ଅଛନ୍ତି। ତୁମେମାନେ ସେହି ଜୀବିତ ଅଲୀଙ୍କୁ ଛାଡ଼ି (ପରିତ୍ୟାଗ କରି) ମୃତ ଅଲୀଙ୍କୁ ଅନ୍ୱେଷଣ (ଖୋଜୁଛ) କରୁଛ ? **(ମଲ୍‌ଫୁଜାତ୍, ଭାଗ-2, ପୃ-25, ସଂସ୍କରଣ ବର୍ଷ-2018 ମସିହା)** ☆--☆--☆

**ମିଥ୍ୟା ହେଉଛି ଏଭଳି ଏକ ବ୍ୟାଧି ବା ରୋଗ ଯାହା ଆଧ୍ୟାତ୍ମିକତାକୁ ଧ୍ୱଂସ କରିଦେଇଥାଏ**

**ମିଥ୍ୟାକାରୀ (ମିଛ କହିଲା ବାଲା) ବ୍ୟକ୍ତି ଅନ୍ୟକୁ ଧୋକା ଦେବା ନିମନ୍ତେ ଉଦ୍ୟମ କରିଥାଏ ଏବଂ ଧୋକା (ପ୍ରତାରଣା ଏବଂ ପ୍ରବଞ୍ଚନା) ଏଭଳି ଏକ ବସ୍ତୁ ଯଦ୍ୱାରା ଲୋକମାନଙ୍କୁ କ୍ଷତି ପହଞ୍ଚିଥାଏ । ଅର୍ଥାତ୍ କ୍ଷତି ସହ୍ୟ କରିବାକୁ ପଡ଼ିଥାଏ । ଉକ୍ତ ଦୋଷ ଦୁର୍ବଳତାକୁ ସମାପ୍ତ କରିବା ପ୍ରତ୍ୟେକ ପ୍ରକୃତ ଓ ନୈଷ୍ଠିକ ମୁସଲମାନ ବ୍ୟକ୍ତିର ସର୍ବାଦୌ କର୍ତ୍ତବ୍ୟ ଅଟେ, ସେହି ଜାତି ଯାହା ମଧ୍ୟରେ ମିଥ୍ୟା କହିବାର ଲକ୍ଷଣ ଦେଖିବାକୁ ମିଳେ ସେହି ଜାତି କେବେ ବି ଉନ୍ନତି କରିପାରିବ ନାହିଁ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ହଜ୍‌ର ଆୟତ୍ ସଂଖ୍ୟା 31 فَاجْتَنِبُوا الرِّجْسَ مِنَ الْأَوْثَانِ وَاجْتَنِبُوا قَوْلَ الزُّورِ ର ବ୍ୟାଖ୍ୟା କରି କୁହନ୍ତି: "ଅର୍ଥାତ୍ ହେ ମୁସଲମାନମାନେ ତୁମେମାନେ ପିତୁଳା ପୂଜାରୁ ନିଜକୁ ରକ୍ଷା କର ଓ ମିଥ୍ୟା କହିବାରୁ ନିଜକୁ ନିବୃତ୍ତ ରଖ ।" ହ. ମୁସଲେହ୍ ମଉଦ୍ ର.ଅ ପୁନଃ କୁହନ୍ତି: "ମୁଁ ତୁମକୁ ଅନ୍ୟ ଏକ ଉପଦେଶ ଦେଉଛି ଯେ, ତୁମେମାନେ ମିଥ୍ୟା କହିବାରୁ ନିଜକୁ ନିବୃତ୍ତ ରଖ । କାରଣ ମିଥ୍ୟା ଆଧ୍ୟାତ୍ମିକତାର ଧ୍ୱଂସ ସାଧନକାରୀ ବ୍ୟାଧି ଅଟେ । ମୁସ୍‌ରିକ୍ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିବା ବ୍ୟକ୍ତି) ନିଜ ଅସ୍ତିତ୍ୱରେ ସବୁଠୁ ବଡ଼ ମିଥ୍ୟାବାଦୀ ଅଟେ । କାରଣ ଯେଉଁ ଶକ୍ତି ଈଶ୍ୱର କାହାରିକୁ ଦେଇ ନାହାନ୍ତି ସେଥି ସଂକ୍ରାନ୍ତରେ ସେହି ବ୍ୟକ୍ତି ମୁସ୍‌ରିକ୍ ବୋଲି ବବେଚିତ ହୁଏ । ଅର୍ଥାତ୍ ଅମକ ବସ୍ତୁ ରହିଛି ଏବଂ ଏହିପରି ଭାବରେ ସେହି ବ୍ୟକ୍ତି ଅପରିଚ୍ଛନ୍ନତା, ମଳକୁ ସେବନ କରିଥାଏ । ବାସ୍ତବତା ଏହିକି ଯେ, ଅବତାରମାନଙ୍କ ସଂପ୍ରଦାୟର ଲକ୍ଷଣ ମଧ୍ୟରୁ ସବୁଠୁ ବଡ଼ ଲକ୍ଷଣ ହେଲା ସତ୍ୟବାଦୀତା । ଉକ୍ତ ଲକ୍ଷଣଟି ଏଭଳି ଏକ ଲକ୍ଷଣ ଯାହାକି ନିଜ ଅସ୍ତିତ୍ୱରେ ଅତ୍ୟନ୍ତ ମହତ୍ତ୍ୱର ଅଧିକାରୀ ଅଟେ ।

କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ସଂସାରରେ ଅନେକ ଲୋକ ସତ୍ୟତା ଏବଂ ସତ୍ୟବାଦୀତାର ମୂଲ୍ୟକୁ ହୃଦୟଙ୍ଗମ କରନ୍ତି ନାହିଁ। ବିଶେଷ କରି ସାଂପ୍ରତିକ ଯୁଗରେ ଉକ୍ତ ବ୍ୟାଧି ଅଧିକ ଭାବରେ ଲୋକମାନଙ୍କ ମଧ୍ୟରେ ଦେଖିବାକୁ ମିଳେ । କାରଣ ଉକ୍ତ ଯୁଗଟି ଚାଟୁକାରିତା ଓ ବୈମନସ୍ୟର ଯୁଗ ଅଟେ । ଆଜିକାଲି ଶିଷ୍ଟାଚାରର ଅର୍ଥ ଏହା ବୁଝାଯାଏ ଯେ, କଥା କହୁଥିବା ବ୍ୟକ୍ତି ବା ବାର୍ତ୍ତାଳାପକାରୀ ଅନ୍ୟର ଚିନ୍ତାଧାରା ପ୍ରତି ଏପରି ଯତ୍ନବାନ ହେଉ କି ଯଦି ତା' ଦ୍ୱାରା କୌଣସି ସତ୍ୟ କଥା ଲୁଚାଇବାକୁ ପଡ଼େ ତେବେ ମଧ୍ୟ ସେ ଶଙ୍କୋଚ ବୋଧ କରିବ ନାହିଁ । କିନ୍ତୁ ଯୁଗ ପ୍ରବାହ ସତ୍ତ୍ୱେ ପ୍ରତ୍ୟେକ ବ୍ୟକ୍ତିର ଏହି କର୍ତ୍ତବ୍ୟ ରହିଛି ଯେ, ସେ ଉକ୍ତ ପାପର ବଳପୂର୍ବକ ମୁକାବିଲା କରୁ ଓ ତାହାକୁ ପ୍ରତିହତ କରିବା ନିମନ୍ତେ କୌଣସି ସୁଯୋଗକୁ ମଧ୍ୟ ହାତଛଡ଼ା ନକରୁ । କାରଣ ମିଥ୍ୟାକାରୀ ଅନ୍ୟମାନଙ୍କୁ ଧୋକା (ପ୍ରବଞ୍ଚନା ବା ପ୍ରତାରଣା) ଦେବା ପାଇଁ ପ୍ରୟାସ କରିଥାଏ ଏବଂ ଧୋକା ହେଉଛି ଏଭଳି ଏକ ବସ୍ତୁ ଯଦ୍ୱାରା ଲୋକମାନଙ୍କର କ୍ଷତି ଘଟିଥାଏ ।

ସୁତରାଂ ମିଥ୍ୟାକାରୀ ବ୍ୟକ୍ତି କେବଳ ଚାରିତ୍ରିକ ଦୋଷୀ ଏବା ଅପରାଧୀ ନୁହେଁ ବରଂ ମାନବଜାତିର ମଧ୍ୟ ଶତ୍ରୁ ଅଟେ । ସେ ମାନବଜାତିର ଧ୍ୱଂସ ସାଧାନକାରୀ ମଧ୍ୟ ଅଟେ । ତେଣୁ ଉକ୍ତ ଅବଗୁଣ ବା ଖୁଣକୁ ସମାପ୍ତ କରିବା ଜଣେ ପ୍ରକୃତ ଓ ନୈଷ୍ଠିକ ମୁସଲମାନ ବ୍ୟକ୍ତିର କର୍ତ୍ତବ୍ୟ ଅଟେ । ଦୟାଳୁ ରସୁଲୁଲ୍ଲାଃ ସ.ଅ କପଟ ବିଶ୍ୱାସୀମାନଙ୍କର ଲକ୍ଷଣ ସଂପର୍କରେ ଚର୍ଚ୍ଚା କରି କହିଲେ, କପଟ ବିଶ୍ୱାସୀର ଲକ୍ଷଣ ହେଉଛି, ଯେତେବେଳେ କପଟ ବିଶ୍ୱାସୀ କୌଣସି କଥା କହେ ସେତେବେଳେ ସେ ମିଥ୍ୟା କହେ । ସେହି କପଟ ବିଶ୍ୱାସୀ ବ୍ୟକ୍ତି ସଂପର୍କରେ ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା କୁହନ୍ତି, କପଟ ବିଶ୍ୱାସୀ ବ୍ୟକ୍ତିକୁ ନର୍କର ଅତ୍ୟନ୍ତ କଠୋର ସ୍ଥାନରେ ରଖାଯିବ । ଅର୍ଥାତ୍ ଅଲ୍ଲାଃତାଲା କପଟବିଶ୍ୱାସୀମାନଙ୍କ ସହିତ କଠୋର ବା କଡ଼ା ଆଚରଣ ପ୍ରଦର୍ଶନ କରିବେ । କାରଣ ଅବିଶ୍ୱାସକାରୀ ବ୍ୟକ୍ତି ଯୋଗୁଁ ଅବିଶ୍ୱାସକାରୀ ବ୍ୟକ୍ତିକୁ ହିଁ କ୍ଷତି ସହିବାକୁ ପଡ଼ିଥାଏ । କିନ୍ତୁ କପଟ ବିଶ୍ୱାସୀ ବ୍ୟକ୍ତି ଯୋଗୁଁ ମୁସଲମାନକୁ ହିଁ କ୍ଷତି ସହ୍ୟ କରିବାକୁ ପଡ଼ିଥାଏ । ଯେଉଁ ଜାତି ନିଜ ଧର୍ମାବଲମ୍ବୀଙ୍କ ତଥା ସଦସ୍ୟଙ୍କ ମଧ୍ୟରୁ ମିଥ୍ୟାକୁ ସମାପ୍ତ କରିପୋରେ ନାହିଁ ଓ ଏସବୁ ସତ୍ତ୍ୱେ ସେ ଏହା ମନେକରେ ଯେ, ତା'କୁ ଉନ୍ନତି ଏବଂ ସମ୍ମାନ ପ୍ରାପ୍ତ ହୋଇଯିବ । ତା'ର ଚିନ୍ତାଧାରା ଏପରି ଅପରିପକ୍ୱ ଯେପରିକି ଏକ ବାଳକର ଚିନ୍ତାଧାରା କି ସେ ଚନ୍ଦ୍ର ପର୍ଯ୍ୟନ୍ତ ପହଞ୍ଚିଯିବ ଅବା ତାରକାମାନଙ୍କ ପର୍ଯ୍ୟନ୍ତ ପହଞ୍ଚିବାର ତା'ର ଦୁର୍ବାର ଅଭିଳାଷା ଅକୃତକାର୍ଯ୍ୟ ରହିଥାଏ । ଠିକ୍ ସେହିପରି ସେହି ଜାତି ଯାହା ମଧ୍ୟରେ ମିଥ୍ୟା ଦେଖିବାକୁ ମିଳେ ସେହି ଜାତି କେବେ ବି କୃତକାର୍ଯ୍ୟ ହୋଇ ପାରିବ ନାହିଁ ।

କୃପାଳୁ ରସୁଲ୍ କରୀମ୍ ସ.ଅଙ୍କ ସତ୍ୟତା ଓ ସତ୍ୟନିଷ୍ଠତାର ଏହି ସ୍ତର ଥିଲା କି ଆପଣ ସ.ଅଙ୍କ ଶତ୍ରୁ ମଧ୍ୟ ଏହା ସ୍ୱୀକାର କରୁଥିଲା କି ଆପଣ ସ.ଅ ସତ୍ୟତାର ସର୍ବୋଚ୍ଚ ମାର୍ଗରେ ଅବସ୍ଥାପିତ ଅଟନ୍ତି । ଆପଣ ସ.ଅଙ୍କ ପରମ ଶତ୍ରୁ ଯିଏ ଆପଣ ସ.ଅଙ୍କ ସହିତ ଯୁଦ୍ଧ କରିଥିଲା ସେ ମଧ୍ୟ ଏହି ଦୁଃସାହସ କରିପାରିଲା ନାହିଁ ଯେ, ସେ ଆପଣ ସ.ଅଙ୍କ ସଂକ୍ରାନ୍ତରେ ଏହା କହିପାରିବ କି ଆପଣ ସ.ଅ କେବେ ମିଥ୍ୟା କହିଥିବେ କିମ୍ବା କୌଣସି ଚୁକ୍ତି ଭଙ୍ଗ କରିଥିବେ । ଏହା ହିଁ ସେହି ବସ୍ତୁ ଥିଲା ଯଦ୍ୱାରା ମୁସଲମାନ ଯେତେବେଳେ କୌଣସି ଦେଶକୁ ଯାଉଥିଲେ ସେତେବେଳେ ସେଠାକାର ବାସୀନ୍ଦାମାନେ ମୁସଲମାନମାନଙ୍କର ସର୍ବୋଚ୍ଚ ଚରିତ୍ରକୁ ଦେଖି ସେମାନଙ୍କର ପ୍ରଶଂସକ ପାଲଟି ଯାଉଥିଲେ ।

କାରଣ ସେମାନେ ନିଜର ସମଗୋତ୍ରୀ ଜାତି ଏବଂ ସମଧର୍ମାବଲମ୍ବୀମାନଙ୍କ ସଦସ୍ୟବୃନ୍ଦ ଅପେକ୍ଷା ସେମାନଙ୍କର ଅର୍ଥାତ୍ ମୁସଲମାନମାନଙ୍କର ସର୍ବାଧିକ ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ସେମାନଙ୍କର ସକୁଶଳତା ନିମନ୍ତେ ପ୍ରାର୍ଥନା କରୁଥିଲେ । ସୁତରାଂ ଇତିହାସରେ ଉଲ୍ଲେଖ ରହିଛି ଯେ, ମୁସଲମାନମାନେ ଯେତେବେଳେ ହମସ୍ ଉପରେ ଅଧିକାର କରିନେଲେ ଯାହାକି ରୋମୀୟମାନଙ୍କ ଅଞ୍ଚଳରେ ଥିଲା ତେବେ କିଛି କାଳ ପରେ ମୁସଲମାନ ମାନଙ୍କୁ ପୁନଃ ଶତ୍ରୁର ଆକ୍ରମଣର ଆଶଙ୍କା ସୃଷ୍ଟି ହୋଇଗଲା ଏବଂ ସେ ଏହା ଉଚିତ୍ ବୋଲି ମନେକଲେ ଯେ, ହମସକୁ ଖାଲି କରିଦିଆଯାଉ। ଉକ୍ତ ନିଷ୍ପତ୍ତି ପରେ ମୁସଲମାନମାନେ ସେଠାରେ ଖ୍ରୀଷ୍ଟିଆନ୍ ମାନଙ୍କୁ ଡକାଇଲେ ଏବଂ ସେମାନଙ୍କୁ କହିଲେ, ଆମେମାନେ ତୁମମାନଙ୍କ ଠାରୁ ଯିଜିୟା (ଏକ ପ୍ରକାରର କର ବା ଶୁଳ୍କ ଯାହାକି କେତେକ ମୁସଲମାନ ଶାସକମାନେ ଅଣମୁସଲମାନମାନଙ୍କ ଠାରୁ ନେଉଥିଲେ, ଧର୍ମକର) ଆଦାୟ କରି ସାରିଛି । କିନ୍ତୁ ଉକ୍ତ ଯିଜିୟା ଏହି ସର୍ତ୍ତାନୁଯାୟୀ ଆଦାୟ କରାଯାଇଥିଲା ଯେ, ଆମେମାନେ ତୁମମାନଙ୍କର ପ୍ରାଣ ଓ ଧନର ସୁରକ୍ଷା କରିବୁ । ବର୍ତ୍ତମାନ ଯଦିଓ ଆମମାନଙ୍କ ନିମନ୍ତେ ଏକ ସନ୍ଧିକ୍ଷଣ ପରିସ୍ଥିତି ସୃଷ୍ଟି ହୋଇଯାଇଛି ଏବଂ ଆମେମାନେ ତୁମର ସୁରକ୍ଷା କରିପାରିବୁ ନାହିଁ । ତେଣୁ ଆମେମାନେ ଯିଜିୟାର ଅର୍ଥ (ଟଙ୍କା) ତୁମକୁ ଫେରସ୍ତ କରିଦେଉଛୁ। ସୁତରାଂ ଖ୍ରୀଷ୍ଟିଆନ୍‌ମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଯିଜିୟା ଆକାରରେ ନିଆଯାଇଥିଲା ସେମାନଙ୍କୁ ଫେରସ୍ତ କରିଦିଆଗଲା । ସେହି ସର୍ବୋଚ୍ଚ ସ୍ତରୀୟ ଉଦାହରଣ ଏବଂ ଆଦର୍ଶର ପ୍ରଭାବ ସେହି ଖ୍ରୀଷ୍ଟିଆନ୍‌ମାନଙ୍କ ଉପରେ ଏପରି ପଡ଼ିଲା ଯେ, ଯେତେବେଳେ ଇସ୍‌ଲାମୀୟ ସୈନ୍ୟ ବାହିନୀ ବାହାରିଲା ସେତେବେଳେ ସେମାନେ କାନ୍ଦି କାନ୍ଦି ଯାଉଥିଲେ ଓ ଏହା କହି ଚାଲିଥିଲେ ଯେ, ଈଶ୍ୱର ତୁମମାନଙ୍କୁ ପୁନଃ ଆମ ଗହଣକୁ ଫେରାଇ ଆଣନ୍ତୁ ଓ ଇହୁଦୀମାନେ ମଧ୍ୟ ଅତ୍ୟନ୍ତ ଉତ୍ସାହର ସହିତ ଏହା କିହି ଚାଲିଥିଲେ ଯେ, ତୌରାତ୍‌ର ଶପଥ କରି କହୁଛୁ। ଯେପର୍ଯ୍ୟନ୍ତ ଆମୋମାନେ ଜୀବିତ ଅଛୁ ସେପର୍ଯ୍ୟନ୍ତ କୈସର (ସମ୍ରାଟ) ହମସ୍ ଉପରେ ଅଧିକାର କରିପାରିବ ନାହିଁ ।" **(ଫୁତୁହୁଲ୍ ବଲ୍‌ଦାନ, ବିଲାଜ୍‌ରି, ପୃ-137)**

ଅର୍ଥାତ୍ ସତ୍ୟତା ଏଭଳି ଏକ ବସ୍ତୁ ଅଟେ ଯେ, ଏହା ମାଧ୍ୟମରେ କୌଣସି ଜାତି ନିଜର ଆଧିପତିତ୍ୱତା ସ୍ଥାପନ କରିପାରିବ ନାହିଁ । ଯେଉଁ ଲୋକମାନେ ସତ୍ୟତା, ସତ୍ୟନିଷ୍ଠାତାର ଉଦାହରଣ ପ୍ରଦର୍ଶନ କରନ୍ତି ତାହା ନିଜ ଜାତିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଦେଇଥାଏ ଏବଂ ଯେଉଁ ଲୋକମାନେ ସେହି ଆଦର୍ଶ ତଥା ଉଦାହରଣ ପ୍ରଦର୍ଶନ କରନ୍ତି ନାହିଁ ତେବେ ସେହି ଲକୋମାନେ ନିଜ ଜାତିର ସ୍କନ୍ଧଚ୍ୟୁତକାରୀ ବ୍ୟକ୍ତି ହୋଇଥାଆନ୍ତି । **(ତଫସିର୍ କବିର, ଭାଗ-6, ପୃ-0411, ପ୍ରକାଶନ ସ୍ଥାନ-କାଦିଆନ୍ 2010 ମସିହା)** ☆--☆--☆

## (ଖୁତ୍‌ବା ଜୁମା)

ପ୍ରବାସ ପରେ ମୁସଲମାନମାନଙ୍କ ମଧ୍ୟରେ ଓ ଇହୁଦୀମାନଙ୍କ ମଧ୍ୟରେ ଯେଉଁ ଚୁକ୍ତି ହୋଇଥିଲା ତଦନୁଯାୟୀ ଆଁହଜରତ ସ.ଅଙ୍କୁ କେବଳ ଏକ ସାଧାରଣ ନାଗରିକର ଅଧିକାର ପ୍ରାପ୍ତ ହୋଇ ନଥିଲା । ବରଂ ମଦିନାରେ ଯେଉଁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ସ୍ଥାପିତ ହୋଇଥିଲା ସେହି ସେହି ଗଣତାନ୍ତ୍ରିତକ ରାଷ୍ଟ୍ର ଏବଂ ଶାସନ ବ୍ୟବସ୍ଥାର ଆପଣ ସ.ଅ ସର୍ବୋଚ୍ଚ ରାଷ୍ଟ୍ରପତି ଭାବରେ ବିବେଚିତ ହୋଇଥିଲେ । ଆପଣ ସ.ଅଙ୍କୁ ଏହି ଅଧିକାର ପ୍ରଦାନ କରାଯାଇଥିଲା ଯେ, ସକଳ କଳହ ଏବଂ ରାଜନୈତିକ ପ୍ରସଙ୍ଗରେ ଆପଣ ସ.ଅ ଯେଉଁ ଯଥୋଚିତ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ତାହାକୁ ହିଁ ଆପଣ ସ.ଅ ପ୍ରଣୟନ କରିବେ ।

---

ତତ୍କାଳୀନ ପ୍ରଚଳିତ ଆଇନ ବ୍ୟବସ୍ଥାନୁଯାୟୀ କାଆବ୍‌ଙ୍କ ପ୍ରତି ଯେଉଁ ବ୍ୟବହାର ପ୍ରଦର୍ଶନ କରାଗଲା ଏଥି ସଂକ୍ରାନ୍ତରେ ଇହୁଦୀମାନଙ୍କର ନିରବ ରହିବା ଏହା ସୂଚାଏ ଯେ, ସେମାନେ ଉକ୍ତ ଶାସ୍ତି ଏବଂ ଆଚରଣକୁ ସ୍ୱୀକାର କରି ନେଇଥିଲେ । ସୁତରାଂ ଇତିହାସର କୌଣସି ସ୍ଥାନରେ ଏହା ଉଲ୍ଲିଖିତ ହୋଇ ନାହିଁ ଯେ, ଉକ୍ତ ଘଟଣା ପରେ ଇହୁଦୀମାନେ କେବେ ବି କାଆବ୍ ବିନ୍ ଅଶ୍ରଫ୍‌କୁ ହତ୍ୟା କରିବାର ଚର୍ଚ୍ଚା କରି ମୁସଲମାନମାନଙ୍କ ଉପରେ ଦୋଷାରୋପଣ କରିଥିବେ । କାରଣ ସେମାନଙ୍କର ହୃଦୟ ଏହା ଅନୁଭବ କରୁଥିଲା କି କାଆବ୍‌କୁ ନିଜ କର୍ମ ଫଳ ପ୍ରାପ୍ତ ହୋଇଛି । ।

---

ଉକ୍ତ କଥାଟି ଅତ୍ୟନ୍ତ ଉତ୍ତମ ଯେ, ଶାନ୍ତିପୂର୍ଣ୍ଣ ନାଗରକିମାନଙ୍କ ଜୀବନ ବିପଦରେ ପଡୁ ଓ ଦେଶର ଶାନ୍ତି ଭଙ୍ଗ ହେବା ଅପେକ୍ଷା ଜଣେ ଉପଦ୍ରବୀ ଓ ହିଂସକ ବ୍ୟକ୍ତି ନିହିତ ହୋଇଯିବା ଅଧିକ ଶ୍ରେୟସ୍କର । ହେ ଉମର୍ ! ତୁମେ କିଛି ଚିନ୍ତା କର ନାହିଁ, ଈଶ୍ୱର ଯଦି ଚାହିଁବେ ତେବେ ହଫ୍‌ସାଙ୍କୁ ଉସମାନ୍ ଏବଂ ଅବୁ ବକ୍କର ର.ଅଙ୍କୁ ଠାରୁ ଉତ୍ତମ ସ୍ୱାମୀ/ବର ପ୍ରାପ୍ତ ହେବ ଓ ଉସ୍‌ମାନଙ୍କୁ ହଫ୍‌ସା ଅପେକ୍ଷା ଉତ୍ତମ ପତ୍ନି ପ୍ରାପ୍ତ ହେବ ।

---

ଆଁହଜରତ ସ.ଅଙ୍କୁ ଯେଭଳି ନିଜର ସନ୍ତାନ ହ. ଫାତିମା ର.ଅଙ୍କ ପ୍ରତି ପ୍ରେମ ରହିଥିଲା ଠିକ୍ ସେହିପରି ହ. ଫାତିମା ର.ଅଙ୍କ ସନ୍ତାନମାନଙ୍କ ପ୍ରତି ମଧ୍ୟ ଆପଣ ସ.ଅଙ୍କୁ ବିଶେଷ ପ୍ରେମ ରହିଥିଲା । ଆପଣ ସ.ଅ ଅନେକ ଥର କହୁଥିଲେ ଯେ, ହେ ଈଶ୍ୱର ! ମୁଁ ଏହି ସନ୍ତାନମାନଙ୍କୁ ଭଲ ପାଉଛି ତୁମେ ମଧ୍ୟ ସେମାନଙ୍କୁ ଭଲ ପାଅ ଓ ଏହି ସନ୍ତାନମାନଙ୍କୁ ଯିଏ ଭଲ ପାଆନ୍ତି ସେମାନଙ୍କୁ ମଧ୍ୟ ତୁମେ ପ୍ରେମ କର ।

---

ଫୁରାତ୍ ବିନ୍ ହୟ୍ୟାନଙ୍କ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ବିସ୍ତୃତ ବିବରଣୀ, କାଆବ୍ ବିନ୍ ଅଶ୍ରଫ୍‌ର ହତ୍ୟାର ଘଟଣା, ତହିଁରେ କ'ଣ ରହସ୍ୟ ରହିଥିଲା ଓ ଏହା ଉପରେ ଉତ୍ଥାପିତ ହେଉଥିବା ପ୍ରଶ୍ନର ଉତ୍ତର । ଉମ୍ମୁଲ୍ ମୁମିନିନ୍ ହ. ହଫ୍‌ସା ବିନ୍‌ତ୍ ଉମର୍ ର.ଅଙ୍କ ନବୀ କରୀମ୍ ସ.ଅଙ୍କ ସହିତ ନିକାହ୍ ଓ ହ. ଅଲୀ ର.ଅ ଏବଂ ହ. ଫାତିମା ର.ଅଙ୍କ ଘରେ ଆଁହଜରତ ସ.ଅଙ୍କ ନାତି ହ. ଇମାମ୍ ହସନ୍ ର.ଅଙ୍କ ଜନ୍ମର ଚର୍ଚ୍ଚା

---

ପାଲେଷ୍ଟାଇନ୍‌ର ନିକ୍ଷେପିତମାନଙ୍କ ନିମନ୍ତେ ଦୁଆ କରିବାକୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବାରମ୍ବାର ଆହ୍ୱାନ । ଏପରି ଆଭାସ ହେଉଛି ଯେ, ବର୍ତ୍ତମାନ ସଂସାର ନିଜର ବିନାଶକୁ ନିକଟବର୍ତ୍ତୀ ନେଇ ଆସିଛି । ଉକ୍ତ ବିନାଶ ପରେ ଯେଉଁ ଲୋକମାନେ ଜୀବିତ ରହିବେ ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ଓ ସେମାନେ ଈଶ୍ୱରଙ୍କ ଆଡ଼କୁ ଧ୍ୟାନ ଦିଅନ୍ତୁ ତଥା ତାହାଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ ହୁଅନ୍ତୁ । ସେ ଯାହା ହେଉ ଆମମାନଙ୍କୁ ଏଥି ସଂକ୍ରାନ୍ତରେ ବହୁତ ଦୁଆ କରିବା ମଧ୍ୟ ଉଚିତ୍ । ଅଲ୍ଲାଃତାଲା ସଂସାରବାସୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ।

---

ୟୁ.ଏନ୍‌ର ଜେନେରାଲ୍ ସେକ୍ରେଟାରୀ ମଧ୍ୟ ଆଜିକାଲି ବହୁତ ଭଲ କହୁଛନ୍ତି । କିନ୍ତୁ ଏପରି ମନେହେଉଛି ଯେପରିକି ତାଙ୍କ ସ୍ୱରର ସେତେଟା ମହତ୍ତ୍ୱ ନାହିଁ । ଏପରି ଲାଗୁଛି ଯେ. ଉକ୍ତ ଯୁଦ୍ଧର ପରିସମାପ୍ତି ପରେ କିମ୍ବା ଉକ୍ତ ଯୁଦ୍ଧଟି ଯଦି ଅଧିକ ବ୍ୟାପୀଲା ତେବେ ତାହା ବିଶ୍ୱଯୁଦ୍ଧର ରୂପ ନେବ । ଫଳତଃ ୟୁ.ଏନ୍‌ର ମଧ୍ୟ ପରିସମାପ୍ତି ଘଟିବ । ଅଲ୍ଲାଃତାଲା ସଂସାରବାସୀଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ।

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 17 NOVEMBER 2023 ମସିହା ଅନୁଯାୟୀ ୧୭ ନବୁଓ୍ୱତ୍ /୧୪୦୨ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ବିଗତ ସପ୍ତାହରେ ଆଁହଜରତ ସ.ଅଙ୍କ ଜୀବନୀ ସଂକ୍ରାନ୍ତରେ ଯେଉଁ ଇତିହାସ ବର୍ଣ୍ଣନା କରାଯାଉଥିଲା ତତ୍‌ସଂକ୍ରାନ୍ତରେ ଫୁରାତ୍ ବିନ୍ ହୟ୍ୟାନ୍‌ର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ଚର୍ଚ୍ଚା ହେଉଥିଲା । ହୟ୍ୟାନ୍‌ର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବାର ଅତିରିକ୍ତ ଚର୍ଚ୍ଚା ଏହିପରି ଅଟେ ଯେ, ହୟ୍ୟାନ୍ ଗିରଫ ହୋଇ ବନ୍ଦୀମାନଙ୍କ ଗହଣରେ ଥିଲା । ଯେପରିକି ପୂର୍ବ ଖୁତ୍‌ବାରେ ବର୍ଣ୍ଣିତ ହୋଇଥିଲା । ହୟ୍ୟାନ୍ ବଦର୍ ଯୁଦ୍ଧ ଦିନ ମଧ୍ୟ ଆହତ ହୋଇଥିଲା। ହେଲେ ସେ କିପରି କାରାବାସରୁ ଖସି ପଳାଇବାକୁ ସଫଳ ହୋଇଥିଲା, କିନ୍ତୁ ଅପର ମୁହୂର୍ତ୍ତରେ ସେ ପୁନଶ୍ଚ ମୁସଲମାନମାନଙ୍କ ହସ୍ତରେ ବନ୍ଦୀ ହୋଇଥିଲା । ହ. ଅବୁ ବକ୍କର ର.ଅ ତା'କୁ ଦେଖିବା ମାତ୍ରେ କହିବାକୁ ଲାଗିଲେ। ହେ ହ୍ୟାୟନ୍! କ'ଣ ତୁମେ ଏବେ ବି ନିଜର କାର୍ଯ୍ୟଶୈଳୀ ବଦଳିବ ନାହିଁ ? ଫୁରାତ୍ କହିଲା, ଏଥର ଯଦି ମୁଁ ମୁହମ୍ମଦ ସ.ଅଙ୍କ ଠାରୁ ଖସି ପଳାଇଲି ତେବେ ଆଉ ମୁଁ ଧରା ଛୁଆଁ ଦେବି ନାହିଁ। ପ୍ରତ୍ୟୁତ୍ତରରେ ହ. ଅବୁ ବକ୍କର ର.ଅ ହୟ୍ୟାନ୍‌କୁ କହିଲେ, ହେ ହୟ୍ୟାନ! ତେବେ ତୁମେ ଇସଲାମ୍ ଧର୍ମ ସ୍ୱୀକାର କରିନିଅ । ଯଦି ତୁମେ ବର୍ତ୍ତି ଯିବାକୁ ଚାହୁଁଛ ତେବେ ଏକମାତ୍ର ଉପାୟ ହେଉଛି ଯେ, ତୁମେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନିଅ। ସେ ଯାହା ହେଉ ଫୁରାତ୍ ବିନ୍ ହୟ୍ୟାନ୍ ହ. ଅବୁ ବକ୍କର ର.ଅଙ୍କ ଉକ୍ତ କଥାକୁ ଶୁଣି ରସୁଲୁଲ୍ଲାଃ ସ.ଅଙ୍କ ଆଡ଼କୁ ବାହାରି ପଡ଼ିଲା । ନିଜର ଜଣେ ଅନ୍‌ସାରୀ ବନ୍ଧୁ ନିକଟ ଦେଇ ଅତିକ୍ରମ କରି କହିବାକୁ ଲାଗିଲା, ହେ ବନ୍ଧୁ ! ମୁଁ ତ' ମୁସଲମାନ ଅଟେ । ଅନ୍‌ସାରୀ ସାହାବି ଜଣକ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିବାକୁ ଲାଗିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହୟ୍ୟାନ୍ ଇସ୍‌ଲାମ୍ ଧର୍ମ ସ୍ୱୀକାର କରନେଇଛି। ଆପଣ ସ.ଅ ତା'ର ପ୍ରସଙ୍ଗ ଅଲ୍ଲାଃତାଲାଙ୍କ ଉପରେ ନ୍ୟସ୍ତ କରି କହିଲେ, اِنَّ مِنْكُمْ رِجَالًا نَكِلُهُمْ اِلٰى اِيْمَانِهِمْ ଅର୍ଥାତ୍ ନିଃସନ୍ଦେହ ରୂପେ ତୁମମାନଙ୍କ ମଧ୍ୟରୁ ଏପରି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କୁ ଆମେ ସେମାନଙ୍କର ବିଶ୍ୱାସ ହସ୍ତରେ ହସ୍ତାନ୍ତର କରୁଛୁ। ଯଦି ହୟ୍ୟାନ୍ ଏହା କହିଛି ଯେ, ମୁଁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନେଇଛି ତାହାହେଲେ ଭଲ କଥା । ତେବେ ଏହା ତା'ର ଓ ଅଲ୍ଲାଃତାଲାଙ୍କର ପ୍ରସଙ୍ଗ ଅଟନ୍ତା। ସେ ଯାହା ହେଉ ନବୀ କରୀମ୍ ସ.ଅ ଉକ୍ତ କଥା ଯୋଗୁଁ ହୟ୍ୟାନ୍‌କୁ କାରାମୁକ୍ତ କରିଦେଲେ । **(ଦାଏରାହ୍ ମାଆରିଫ, ସିରତ୍ ମୁହମ୍ମଦ ସ.ଅ, ଭାଗ-6, ପୃ-398, ମକତବା ଦାରୁଲ୍ ମାଆରିଫ୍, ଲାହୋର) (ଅଲ୍ ଇସାବତା, ଭାଗ-5, ପୃ-273, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-1995 ମସିହା)**

ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ହ. ଜୈଦ୍ ବିନ୍ ହାରିସା ର.ଅଙ୍କୁ ଜମାଦିଉଲ୍ ଆଖିର୍ ସନ୍ 3 ହିଜ୍ରୀରେ କରାଦାହ୍ ନାମକ ଏକ ସ୍ଥାନ ଅଭିମୁଖେ ପ୍ରେରଣ କରାଯାଇଥିଲା । ସିରତ୍ ଖାତମୁନ୍ ନବୀୟିନ୍ ସ.ଅରେ ଉକ୍ତ ଘଟଣାକୁ ହ. ମିର୍ଜା ବଶୀର୍ ଅହେମଦ ସାହେବ ଏହିପରି ଭାବରେ ଉଦ୍ଧୃତ ତଥା ଉଲ୍ଲେଖ କରିଛନ୍ତି ଯେ, ବନୁ ସୁଲୈମ୍ ଓ ବନୁ ଗତ୍ଫାନ୍ ସଂପ୍ରଦାୟର ଆକ୍ରମଣ ଯୋଗୁଁ କିଛିଟା ସମୟ ମିଳିବାରୁ ମୁସଲମାନମାନଙ୍କୁ ଆଉ ଏକ ବିପଦକୁ ପ୍ରତିହତ କରିବା ନିମନ୍ତେ ମାତୃଭୂମିରୁ ବହାରିବାକୁ ପଡ଼ିଥିଲା । କୁରୈଶ୍‌ମାନେ ଏପର୍ଯ୍ୟନ୍ତ ନିଜର ଉତ୍ତର ଦିଗରେ ବାଣିଜ୍ୟକ କାରବାର ନିମନ୍ତେ ସାଧାରଣତଃ ହିଜାୟ୍‌ର ଉପକୂଳବର୍ତ୍ତୀ ମାର୍ଗ ଦେଇ ସିରୀୟା ଅଭିମୁଖେ ଯାଉଥିଲେ । କିନ୍ତୁ ବର୍ତ୍ତମାନ ସେମାନେ ଉକ୍ତ ମାର୍ଗକୁ ପରିତ୍ୟାଗ କରିଦେଲେ । କାରଣ ଉକ୍ତ ଅଞ୍ଚଳର ସଂପ୍ରାଦୟ ମୁସଲମାନମାନଙ୍କର ମିତ୍ର ହୋଇଯାଇଥିଲେ ଏବଂ କୁରୈଶ୍‌ମାନଙ୍କୁ ଉପଦ୍ରବ କରିବାର ସୁଯୋଗ ଖୁବ୍ କମ୍ ଥିଲା ତାହା ନୁହେଁ ବରଂ ଏପରି ପରିସ୍ଥିତିରେ ସେମାନେ ଉକ୍ତ ଉପକୂଳବର୍ତ୍ତୀ ମାର୍ଗକୁ ନିଜ ପାଇଁ ବିପଦର କାରଣ ବୋଲି ମନେକରୁଥିଲେ । କେବଳ ଏହି କାରଣ ନଥିଲା ଯେ, ମୁସଲମାନମାନଙ୍କ ପ୍ରତି ବିପଦ ରହିଥିଲା । ବରଂ ସେମାନେ ସ୍ୱୟଂ ଯେଉଁ ଆଚରଣ ପ୍ରଦର୍ଶନ କରିବାକୁ ଚାହୁଁଥିଲେ ବର୍ତ୍ତମାନ ସେମାନଙ୍କର ଏହି ଚିନ୍ତାଧାରା ରହିଥିଲା ଯେ, ସେହି ସଂପ୍ରଦାୟର ମୁସଲମାନମାନଙ୍କର ପ୍ରାଣର ଶତ୍ରୁ ଥିଲେ । ପୂର୍ବେ ସେହି ମାର୍ଗ ରହିଥିଲା ଯେଉଁମାନଙ୍କ ସହିତ ମୁସଲମାନମାନଙ୍କର ଚୁକ୍ତି ହୋଇଥିଲା ଏବଂ କୁରୈଶ୍‌ମାନେ ଯେଉଁ ମାର୍ଗ ଅବଲମ୍ବନ କରିଥିଲେ ତାହା ସେମାନଙ୍କର ନିଜସ୍ୱ ଚୁକ୍ତି  ମାର୍ଗ ଥିଲା । ସେହି ମାର୍ଗରେ ସେହି ଲୋକମାନେ ଏବଂ ସେହି ସଂପ୍ରଦାୟମାନେ ବସବାସ କରୁଥିଲେ (ଅର୍ଥାତ୍ ସଲିମ୍ ସଂପ୍ରଦାୟ ଏ ଗତ୍ଫାନ୍ ସଂପ୍ରଦାୟ) ଯେଉଁମାନେ ମୁସଲମାନମାନଙ୍କର ମଧ୍ୟ ପ୍ରାଣର ଶତ୍ରୁ ଥିଲେ। ସୁତରାଂ ଜମାଦିଉଲ୍ ଆଖିର୍‌ର ମାସରେ ଆଁହଜରତ ସ.ଅଙ୍କୁ ଉକ୍ତ ସୂଚନା ପ୍ରାପ୍ତ ହେଲା ଯେ, ମକ୍କାର କୁରୈଶ୍‌ମାନଙ୍କର ଏକ ବାଣିଜ୍ୟିକ ପ୍ରତିନିଧି ସମୂହ ନଜଦ୍ ମାର୍ଗ ଦେଇ ଅତିକ୍ରମ କରିବ ପ୍ରକାଶ୍ୟ ରୂପେ ଯଦି କୁରୈଶ୍‌ର ଯାତ୍ରୀସମୂହର ସମୁଦ୍ର ଉପକୂଳ ବା ସମୁଦ୍ର ତଟବର୍ତ୍ତୀ ମାର୍ଗ ଦେଇ ଅତିକ୍ରମ କରିବା ମୁସଲମାନମାନଙ୍କର ନିମନ୍ତେ ବିପଦଜନକ ଥିଲା । ତେଣୁ ନଜଦ୍ ମାର୍ଗ ଦେଇ ସେମାନଙ୍କର ଅତିକ୍ରମ କରିବା ଠିକ୍ ସେହିପରି ଥିଲା ତାହା ନୁହେଁ ବରଂ ଏହାଠୁ ବି ଅଧିକ ବିପଦଶଙ୍କୁଳ ଥିଲା। କାରଣ ତଟବର୍ତ୍ତୀ ମାର୍ଗର ବିପରୀତ ଉକ୍ତ ମାର୍ଗରେ କୁରୈଶ୍‌ମାନଙ୍କର ମିତ୍ରମାନେ ବସବାସ କରୁଥିଲେ । କୁରୈଶ୍‌ମାନଙ୍କର ସେହି ମିତ୍ରମାନେ କୁରୈଶ୍‌ମାନଙ୍କ ପରି ମୁସଲମାନମାନଙ୍କର ରକ୍ତ ପିପାସୁ ଥିଲେ । ସେହି ମିତ୍ରମାନଙ୍କର ସହିତ ମିଶି କୁରୈଶ୍‌ମାନେ ଅତି ସହଜରେ ମଦିନାରେ ଗୁପ୍ତ ଚଢଉ କରିପାରି ଥାଆନ୍ତେ । ଅବା ଅନ୍ୟ କୌଣସି ଉପଦ୍ରବ ସୃଷ୍ଟି କରିପାରି ଥାଆନ୍ତେ । ପୁନଶ୍ଚ କୁରୈଶ୍‌ମାନଙ୍କୁ ଦୁର୍ବଳ କରିବାରେ ଏବଂ ସେମାନଙ୍କ ସହିତ ସନ୍ଧି ସ୍ଥାପନ କରିବା ନିମନ୍ତେ ଆକୃଷ୍ଟ କରିବାର ଅଭିପ୍ରାୟ ମଧ୍ୟ ନିହାତି ଜରୁରୀର ଥିଲା । କାରଣ ଉକ୍ତ ମାର୍ଗରେ ମଧ୍ୟ ସେହି ଯାତ୍ରୀସମୂହମାନଙ୍କୁ ଅଟକାଇବା ପାଇଁ ଚେଷ୍ଟା କରାଯାଉ । ଅତଃ ଆଁହଜରତ ସ.ଅ ଉକ୍ତ ସୂଚନା ପାଇବା ମାତ୍ରେ ନିଜର ସ୍ୱାଧୀନ ପ୍ରାପ୍ତ ଦାସ ଜୈଦ୍ ବିନ୍ ହାରିସା ର.ଅଙ୍କ ନେତୃତ୍ୱରେ ନିଜର ସାହାବାମାନଙ୍କର ଏକ ସୈନ୍ୟଦଳ ପ୍ରସ୍ତୁତ କରି ପ୍ରେରଣ କରିଦେଲେ ।

କୁରୈଶ୍‌ର ଉକ୍ତ ଯାତ୍ରୀ ସମୂହ ମଧ୍ୟରେ ଅବୁ ସୁଫିୟାନ୍ ବିନ୍ ହର୍‌ବ୍ ଓ ସଫ୍‌ୱାନ୍ ବିନ୍ ଉମୈୟାହ୍ ଭଳି କୁରୈଶ୍‌ର ବରିଷ୍ଠ ଅଧିପତିମାନେ ଉପସ୍ଥିତ ଥିଲେ । ଜୈଦ୍ ଅତ୍ୟନ୍ତ ସ୍ଫୁର୍ତ୍ତି ଏବଂ ଚତୁରତାର ସହିତ ନିଜର ଦାୟିତ୍ୱ ସମ୍ପାଦନ କଲେ ଏବଂ ନଜଦ୍‌ର କର୍‌ଦାହ୍ ନାମକ ସ୍ଥାନରେ ଇସ୍‌ଲାମ୍ ଧର୍ମର ଶତ୍ରୁମାନଙ୍କୁ ଧରି ପକାଇଲେ। ଉକ୍ତ ସହସା ଆକ୍ରମଣ ଫଳରେ ଘାବରେଇ ଯାଇ କୁରୈଶ୍‌ର ଲୋକମାନେ ଯାତ୍ରୀସମୂହର ଧନରତ୍ନ ଏବଂ ସେମାନଙ୍କର ନିକଟରେ ଯେଉଁସବୁ ଧନ ସମ୍ପତ୍ତି ରହିଥିଲା ସେହି ସବୁ ଜିନିଷ ପତ୍ରକୁ ଛାଡ଼ି ସେମାନେ ସେଠାରୁ ପଳାୟନ କଲେ । ଜୈଦ୍ ବିନ୍ ହାରିସା ଓ ତାଙ୍କର ସାଥିମାନେ ଜୟଯୁକ୍ତ ହୋଇ ଏକ ବିପୁଳ ପରିମାଣର ମାଲେ ଗନିମତ୍ ଧରି ମଦିନାକୁ ପ୍ରତ୍ୟାବର୍ତ୍ତନ କଲେ ।

କେତେକ ଇତିହବାସବିତ୍‌ମାନେ ଉଲ୍ଲେଖ କରିଛନ୍ତି ଯେ, କୁରୈଶ୍‌ର ଉକ୍ତ ଯାତ୍ରୀ ସମୂହର ପଥପ୍ରଦର୍ଶକ ଫୁରାତ୍ ନାମକ ଜଣେ ବ୍ୟକ୍ତି ଥିଲା ଯିଏ ମୁସଲମାନମାନଙ୍କ ହାତରେ ବନ୍ଦୀ ହେଲା ଓ ମୁସଲମାନ ହେବା ପରେ ତା'କୁ କାରାମୁକ୍ତ କରିଦିଆ ଯାଇଥିଲା । କିନ୍ତୁ ଅନ୍ୟ ବର୍ଣ୍ଣନାମାନଙ୍କରୁ ଜଣାପଡ଼େ ଯେ, ଫୁରାତ୍ ମୁସଲମାନମାନଙ୍କ ବିପକ୍ଷରେ ଅବିଶ୍ୱାସକାରୀମାନଙ୍କର ଗୁପ୍ତଚର ଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଫୁରାତ୍ ମୁସଲମାନ ଧର୍ମ ଆପଣାଇ ନେଇ ମେଦିନାକୁ ପ୍ରବାସ କିର ଚାଲି ଆସିଥିଲା। **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-465-466ରୁ ଉଦ୍ଧୃତ)**

ସେହି ଦିନମାନଙ୍କରେ କାଆବ୍ ବିନ୍ ଅଶ୍ରଫ୍‌ର ହତ୍ୟା ସଂକ୍ରାନ୍ତରେ ଏକ ଘଟଣା ରହିଛି । କାଆବ୍ ବିନ୍ ଅଶ୍ରଫ୍ ମଦିନାର ଅଧିପତିମାନଙ୍କ ମଧ୍ୟରୁ ଅନ୍ୟତମ ଅଧିପତି ଥିଲା । ସେ ଆଁହଜରତ ସ.ଅଙ୍କ ଚୁକ୍ତି ସମୟରେ ସାମିଲ୍ ଥିଲା । କିନ୍ତୁ ଚୁକ୍ତି କରି  ସାରିବା ପରେ ଉକ୍ତ ଉପଦ୍ରବ କରିବା ନିମନ୍ତେ ଉଦ୍ୟମ କଲା । ତା'ର ସଂହାର କରିବା ନିମନ୍ତେ ଆଁହଜରତ ସ.ଅ ଆଦେଶ ଦେଇଥିଲେ । ବୁଖାରୀରେ ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ହ. ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, କାଆବ୍ ବିନ୍ ଅଶ୍ରଫ୍ କଥା କିଏ ବୁଝିବ? ସେ ଅଲ୍ଲାଃ ଓ ତାହାଙ୍କ ବାର୍ତ୍ତାବହ ସ.ଅଙ୍କୁ ଅତ୍ୟନ୍ତ ଦୁଃଖ କଷ୍ଟ ଦେଇଛି। ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ଛିଡ଼ା ହୋଇଗଲେ ଏବଂ କହିବାକୁ ଲାଗିଲେ ରସୁଲୁଲ୍ଲାଃ ସ.ଅ! ଆପଣ ସ.ଅ ଚାହୁଁଛନ୍ତି ଯେ, ମୁଁ ଫୁରାତ୍‌ର ବଧ କରିଦେବି ? ରସୁଲୁଲ୍ଲାଃ ସ.ଅ କହିଲେ ହଁ ! ସୁତରାଂ ମୁହମ୍ମଦି ବିନ୍ ମୁସଲ୍ଲମା ର.ଅ କାଆବ୍ ନିକଟକୁ ଆସିଲେ ଏବଂ କହିବାକୁ ଲାଗିଲେ, ଉକ୍ତ ବ୍ୟକ୍ତି ଜଣକ ଆମ ଠାରୁ ଦାନ ମାଗୁଛି ଏବଂ ସେ ଆମକୁ ଅଡୁଆରେ ପକାଇ ଦେଇଛି । ମୁଁ ତୁମ ନିକଟକୁ ଧାର ପଇସା ନେବାକୁ ଆସିଛି । କାଆବ୍ କହିଲା, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ତୁମେ ତା' ଠାରୁ ବୀତସ୍ପୃହ ହୋଇଯିବ । ଅର୍ଥାତ୍ ଆଁହଜରତ ସ.ଅଙ୍କ ଠାରୁ ତୁମେ ବୀତସ୍ପୃହ ହୋଇଯିବ ଏବଂ ପଛ ଘୁଞ୍ଚା ଦେବ । ସେ ଯାହା ହେଉ ମୁହମ୍ମଦ୍ ବିନ୍ ମୁସଲ୍ଲମା ର.ଅ କହିବାକୁ ଲାଗିଲେ, ହେ କାଆବ୍ ! ଆମେମାନେ ସେହି ବ୍ୟକ୍ତିର ଅନୁଗାମୀ ଅଟୁ ତେଣୁ ଆମେମାନେ ଏହା ପସନ୍ଦ କରୁ ନାହୁଁ ଯେ, ଆମେମାନେ ତା'କୁ ଆର୍ଥାତ୍ ହ. ମୁହମ୍ମଦ ସ.ଅଙ୍କୁ ଛାଡ଼ିଦେବୁ । କହିବାରୁ ତାତ୍ପର୍ଯ୍ୟ ଏହିକି ଯେ, ଆମେମାନେ ଯେପର୍ଯ୍ୟନ୍ତ ତାଙ୍କର ପରିଣାମ ଦେଖି ନେଇ ନାହୁଁ ସେପର୍ଯ୍ୟନ୍ତ ଆମେମାନେ ତାଙ୍କୁ ଛାଡ଼ି ପାରିବୁ ନାହିଁ । ମୁଁ ଚାହୁଁଛି ଯେ, ହେ କାଆବ୍ ତୁମେ ମୋତେ ଗୋଟିଏ ୱସକ୍ ଧାର ଦିଅ। କାଆବ୍ କହିଲା, ଆଚ୍ଛା ! ମୋ ପାଖରେ କିଛି ଜିନିଷ ବନ୍ଧକ ରଖ । ହ. ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ କହିଲେ, ହେ କାଆବ୍! ତୁମେ କେଉଁ ବସ୍ତୁ ଚାହୁଁଛ? କାଆବ୍ କହିଲା, ତୁମେ ନିଜର ପତ୍ନି ମୋ ପାଖରେ ରଖିଦିଅ । ସେ କହିଲେ, ହେ କାଆବ୍ ତୁମ ନିକଟରେ ନିଜର ମହିଳାମାନଙ୍କୁ କିପରି ବନ୍ଧକ ରଖିବୁ ? କାରଣ ତୁମେ ପରା ଆରବବାସୀଙ୍କ ମଧ୍ୟରେ ସବୁଠୁ ବେଶୀ ସୁନ୍ଦର ଅଟ । ସେ କହିଲା, ହେ ମୁସଲ୍ଲମା ! ତେବେ ତୁମେ ନିଜ ପୁତ୍ରମାନଙ୍କୁ ମୋ ନିକଟରେ ବନ୍ଧା ରଖିଦିଅ । ମୁଁ ତୁମ ନିକଟରେ ମୋ ପୁତ୍ରଙ୍କୁ କିପରି ବନ୍ଧକ ରିଖିବି?  ସେହି ପୁତ୍ରମାନେ ଯେତେବେଳେ ବଡ଼ ହୋଇଯିବେ ସେମାନଙ୍କୁ ଏହି ଗଞ୍ଜଣା ଦିଆଯିବ ଏବଂ ଲୋକମାନେ ବ୍ୟଙ୍ଗ ବିଦ୍ରୂପ କରିବେ ଯେ, ସେମାନଙ୍କୁ ଗୋଟିଏ କିମ୍ବା ଦୁଇ ଓସକ୍ ପାଇଁ ବନ୍ଧା ରଖାଯାଇଥିଲା। ଏହା ଆମମାନଙ୍କ ନିମନ୍ତେ ଲଜ୍ଜାଜନକ କଥା ଅଟେ । କିନ୍ତୁ ମୁଁ ତୁମ ପାଖରେ ଆମ ଯୁଦ୍ଧର ଅସ୍ତ୍ରଶସ୍ତ୍ର (ଯୁଦ୍ଧାସ୍ତ୍ର) ଇତ୍ୟାଦି ବନ୍ଧକ ରଖି ଦେଉଛି । ସୁତରାଂ ଏତଦ୍ ପରେ ମୁହମ୍ମଦ୍ ବିନ୍ ମୁସଲ୍ଲମା କାଆବ୍ ନିକଟକୁ ଆସିବାକୁ କହି ପ୍ରତିଶୃତି କଲେ । ସୁତରାଂ ହ. ମୁହମ୍ମଦ୍ ବିନ୍ ମୁସଲ୍ଲମା କାଆବ୍ ନିକଟକୁ ରାତ୍ର ସମୟରେ ଆସିଲେ ଏବଂ ତାଙ୍କ ସହିତ ଅବୁ ନାଏଲା ମଧ୍ୟ ଥିଲେ। ଅବୁ ନାଏଲା କାଆବ୍‌ର ରିଜାଇ (ପାଳିତ) ଭାଇ ଥିଲେ । କାଆବ୍ ମୁହମ୍ମଦ୍ ବିନ୍ ମୁସଲ୍ଲମାଙ୍କୁ ଦୁର୍ଗ ମଧ୍ୟକୁ ଡ଼କାଇଲା । ସେମାନେ ଯେତେବେଳେ ଦୁର୍ଗ ମଧ୍ୟକୁ ପ୍ରବେଶ କଲେ ସେତେବେଳେ କାଆବ୍ ନିଜର ଉପର ମହଲାରୁ ତଳକୁ  ଓହ୍ଲାଇଲା। ତା'ର ପତ୍ନି କହିବାକୁ ଲାଗିଲା, ହେ କାଆବ୍ ତୁମେ ବର୍ତ୍ତମାନ କେଉଁଆଡ଼େ ଯାଉଛ? ହେ କାଆବ୍ ମୁଁ ଏପରି ସ୍ୱର ଶୁଣିଛି ଯେପରିକି ରକ୍ତ ଟପ୍ ଟପ୍ ହୋଇ ପଡୁଛି । ଅର୍ଥାତ୍ ରକ୍ତ କ୍ଷରିତ ହେଉଛି। କାଆବ୍ କହିଲା, ସମ୍ମାନିତ ବ୍ୟକ୍ତିକୁ ଯେତେବେଳେ ରାତ୍ର ସମୟରେ ଆକ୍ରମଣ କରିବା ନିମନ୍ତେ ଡକାଯାଏ ସେତେବେଳେ ସେ ଅବଶ୍ୟ ଯିବ । ସେ ଯାହା ହେଉ ମୁହମ୍ମଦ ବିନ୍ ମୁସଲ୍ଲମା ନିଜ ସହିତ ଦୁଇ ଜଣ ବ୍ୟକ୍ତିଙ୍କୁ ନେଇ ଯାଇଥିଲେ । ମୁହମ୍ମଦ୍ ବିନ୍ ମୁସଲ୍ଲମା ର.ଅ ସେହି ଦୁଇ ଜଣ ଲୋକମାନଙ୍କୁ କହିଲେ, ହେ ଭାଇମାନେ କାଆବ୍ ଯେତେବେଳେ ଆସିବ ସେତେବେଳେ ମୁଁ ତା'ର ଚୁଟିକୁ ଧରି ପକାଇବି ଓ ତା' କେଶକୁ ଶୁଙ୍ଘିବି। ତୁମେମାନେ ଯେତେବେଳେ ଦେଖିବ ଯେ, ମୁଁ ତା'ର ମୁଣ୍ଡକୁ ଜୋରରେ ଧରି ନେଇଛି ସେତେବେଳେ ତୁମେମାନେ ଆଗକୁ ଅଗ୍ରସର ହୋଇ ତା'ର କାମ ତମାମ କରିଦେବ । ସୁତରାଂ କାଆବ୍ ବିନ୍ ଅଶ୍ରଫ୍ ତାଙ୍କ ନିକଟକୁ ଅର୍ଥାତ୍ ମୁହମ୍ମଦ ବିନ୍ ମୁସଲ୍ଲମାଙ୍କ ନିକଟକୁ ଚଦର ଘୋଡାଇ ହୋଇ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,
Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat
Ahmadiya Kerang, Darul Barkat (Odisha)

ଆସିଲା । ତା' ଶରୀରରୁ ସୁଗନ୍ଧ ବାହାରୁଥିଲା । ମୁହମ୍ମଦ୍ ବିନ୍ ମୁସଲ୍ମା ର.ଅ କହିଲେ, ହେ କାଆବ୍ ! ତୁମେ ଆଜି ଏତେ ବାସୁଛ ? ଏହି ବାସ୍ନା ବା ସୁଗନ୍ଧ ମୁଁ ପୂର୍ବେ କେବେ ଆଘ୍ରାଣ (ଶୁଂଘିବାକୁ) କରିବାକୁ ପାଇ ନାହିଁ । ଅର୍ଥାତ୍ ବେଶ୍ ମନ୍ତ୍ରମୁଗ୍ଧକାରୀ ସୁଗନ୍ଧ ଅଟେ । କାଆବ୍ କହିଲା ମୋ ନିକଟରେ ଆରବର ମହିଳାମାନଙ୍କ ମଧ୍ୟରୁ ସବୁଠୁ ବେଶୀ ସୁଗନ୍ଧିତ ମହିଳାମାନେ ଅଛନ୍ତି ଏବଂ ସବୁଠୁ ଅଧିକ ସୁନ୍ଦରୀ ମହିଳାମାନେ ଅଛନ୍ତି । ମୁହମ୍ମଦ୍ ବିନ୍ ମୁସଲ୍ମା ର.ଅ କହିଲେ, ହେ କାଆବ୍ ! ତୁମେ ମୋତେ ନିଜର ମୁଣ୍ଡକୁ ଶୁଂଘିବାକୁ ଅନୁମତି ପ୍ରଦାନ କରିପାରିବ କି? ସେ କହିଲା ହଁ । ଯେତେବେଳେ ମୁହମ୍ମଦ ବିନ୍ ମୁସଲ୍ମା କାଆବ୍‌କୁ ବଳପୂର୍ବକ ଧରି ପକାଇଲେ ସେତେବେଳେ ନିଜର ସାଥିମାନଙ୍କୁ କହିଲେ, ହେ ସାଥୀମାନେ ! ତୁମେମାନେ କାଆବ୍‌କୁ ଧର ମୁଁ ତା'ର ଶିର ଛେଦ କରିଦେବି । ସୁତରାଂ ସେମାନେ କାଆବର ସ୍କନ୍ଧଚ୍ୟୁତ କରିଦେଲେ । ପୁନଶ୍ଚ ସେମାନେ ନବୀ କରୀମ୍ ସ.ଅଙ୍କ ନିକଟକୁ ଆସିଲେ ଏବଂ ଆପଣ ସ.ଅଙ୍କୁ ସମସ୍ତ ବୃତ୍ତାନ୍ତ ସଂପର୍କରେ ଅବଗତ କରାଇଲେ । **(ସହିଉଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ-କତ୍ଲୁ କାଆବ୍ ବିନ୍ ଅଶ୍ରଫ୍, ବର୍ଣ୍ଣନା ସଂଖ୍ୟା-4037ରୁ ଉଦ୍ଧୃତ)**

କାଆବ୍ ବିନ୍ ଅଶ୍ରଫ୍‌ର ଆହତ ହେବାର ଅତିରିକ୍ତ ବିବରଣୀ ବୁଖାରୀର ଶରହ୍ (ବ୍ୟାଖ୍ୟା) ଉମ୍ଦତୁଲ୍ କାରିରେ ଏହିପରି ଉଲ୍ଲେଖ ହୋଇଛି ଯେ, ମୁହମ୍ମଦ ବିନ୍ ମୁସଲ୍ମା ର.ଅ ନିଜର ସାଥିମାନଙ୍କ ସହିତ କାଆବ ବିନ୍ ଅଶ୍ରଫ୍ ଉପରେ ଆକ୍ରମଣ କରିଦେଲେ ଏବଂ ତା'ର ସଂହାର କରିଦେଲେ । ତେବେ ତାଙ୍କର ଜଣେ ସାଥି ହ. ହାରିସ୍ ବିନ୍ ଔସ୍ ର.ଅଙ୍କୁ ଖଡ୍‌ଗର ମୁନ ବାଜିଯିବା ଫଳରେ ସେ ଆହତ ହୋଇ ଯାଇଥିଲେ । ଅର୍ଥାତ୍ ହ. ହାରିସ୍ ବିନ୍ ଔସ୍ ନିଜର ସାଥିମାନଙ୍କ ଖଡ୍‌ଗ ଦ୍ୱାରା ଆହତ ହୋଇଥିଲେ । ସୁତରାଂ ଆପଣ ର.ଅଙ୍କ ସାଥିମାନେ ତାଙ୍କୁ ଉଠାଇ ତୁରନ୍ତ ମଦିନାକୁ ନେଇ ଆସିଥିଲେ ଏବଂ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ନବୀ କରୀମ୍ ସ.ଅ ହ. ହାରିସ୍ ବିନ୍ ଔସ୍ ର.ଅଙ୍କ ଆହତ କ୍ଷତ ଉପରେ ନିଜର ପବିତ୍ର ଲାଳ ଲଗାଇ ଦେଲେ । ଏହାପରେ ହ. ହାରିସ୍ ର.ଅଙ୍କୁ ଆଉ ଅଧିକ ଯନ୍ତ୍ରଣା ଅନୁଭୂତ ହେଲା ନାହିଁ । **(ଉମ୍ଦତୁଲ୍ କାରି, ଭାଗ-17, ପୃ-192, କିତାବୁଲ୍ ମୁଗାଜି, ବାବ୍- କତ୍ଲୁ କାଆବ୍ ବିନ୍ ଅଶ୍ରଫ୍, ପ୍ରକାଶନ ସ୍ଥାନ-ଦାରୁ ଅହୟାଉତ୍ ତୁରାସା, ବୈରୁତ୍-2003 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସିରତ୍ ଖାତମୁନ୍ ନବୀୟିନ୍‌ରେ କାଆବ୍ ବିନ୍ ଅଶ୍ରଫ୍‌ର ବଧ ସଂପର୍କରେ ଯେଉଁ ଘଟଣା ଉଲ୍ଲିଖିତ ହୋଇଛି ତାହାର ସଂକ୍ଷିପ୍ତ ଚର୍ଚ୍ଚା ଏଠାରେ ବର୍ଣ୍ଣନା କରିଦେବି । ମଦିନାର ଇହୁଦୀମାନଙ୍କ ମନ ଭିତରେ ମୁସଲମାନମାନଙ୍କ ପ୍ରତି ଥିବା ଶତ୍ରୁତାକୁ ପ୍ରକଟିତ କରି ଦେଇଥିଲା । ବନୁ କୈନ୍‌କା ସଂପ୍ରଦାୟର ନିର୍ବାସନ ମଧ ଅନ୍ୟ ଇହୁଦୀମାନଙ୍କର ତ୍ରୁଟି ସଂଶୋଧନ ଆଡ଼କୁ ଆକୃଷ୍ଟ କରିପାରି ନଥିଲା । ସେମାନେ ନିଜର ଉପଦ୍ରବ ଓ ହିଂସାରେ ଉନ୍ନତି କରି ଚାଲିଲେ । ସୁତରାଂ କଆବ୍ ବିନ୍ ଅଶ୍ରଫ୍‌ର ହତ୍ୟା ଘଟଣା ଉକ୍ତ ଧାରାବାହିକତାର ଏକ ଅଂଶ ଅଟେ । କହିବାକୁ ଗଲେ କାଆବ୍ ବିନ୍ ଅଶ୍ରଫ୍ ଇହୁଦୀ ଧର୍ମାବଲମ୍ବୀ ଥିଲା। କିନ୍ତୁ ବାସ୍ତବରେ ଇହୁଦୀ ବଂଶୋଦ୍ଭବ ନଥିଲା । ବରଂ ଆରବୀୟ ବଂଶୋଦ୍ଭବ ଥିଲା । କାଆବ୍‌ର ପିତା ଅଶ୍ରଫ୍ ବନୁ ନିବ୍‌ହାନ୍‌ର ଜଣେ ଚତୁର ଏବଂ ଚଳପ୍ରଚଳ କରୁଥିବା କଳ ପରି ଜଣେ ବ୍ୟକ୍ତି ଥିଲା । ମଦିନାକୁ ଆସି ସେ ବନୁ ନୁଜୈର୍ ସଂପ୍ରଦାୟ ସହିତ ସଂପର୍କ ସୃଷ୍ଟି କରିଥିଲା । ସେ ସେମାନଙ୍କର ମିତ୍ର ହୋଇଗଲା ଏବଂ ପରିଶେଷରେ ସେ ଏତେ ପ୍ରଭାବଶାଳୀ ଓ ଧନୀକ ବ୍ୟକ୍ତି ହୋଇଗଲା ଯେ, ବନୁ ନୁଜୈର୍ ସଂପ୍ରଦାୟର ଅଧିପତି ଅବୁ ରାଫେ ବିନ୍ ଅବୁଲ୍ ହକିକ୍ ନିଜର କନ୍ୟା ସହିତ ଅଶ୍ରଫ୍‌ର ବିବାହ କରିଦେଲା । ଅବୁ ରାଫେ ବିନ୍ ଅବୁଲ୍ ହକିକ୍‌ର କନ୍ୟା ଗର୍ଭରୁ କାଆବ୍ ଜନ୍ମ ଗ୍ରହଣ କଲା । ଏହି କାଆବ୍ ବଡ଼ ହୋଇ ନିଜର ପିତା ଠାରୁ ମଧ ବଡ଼ ପଦ ମର୍ଯ୍ୟାଦା ପ୍ରାପ୍ତ କଲା । ଏପର୍ଯ୍ୟନ୍ତକି କାଆବ୍‌କୁ ଏହି ମର୍ଯ୍ୟାଦା ପ୍ରାପ୍ତ ହେଲା ଯେ, ଆରବ ଦେଶର ସମସ୍ତ ଇହୁଦୀମାନେ ତା'କୁ ନିଜର ଅଧିପତି ରୂପେ ବରଣ କଲେ । କାଆବ୍ ଜଣେ ଉଚ୍ଚ ସମ୍ଭ୍ରାନ୍ତ ବଂଶୀୟ, ରୂପବାନ୍ ଓ ସୁନ୍ଦର ବ୍ୟକ୍ତି ହେବା ବ୍ୟତୀତ ଜଣେ ସୁବକ୍ତା କବି ଓ ଜଣେ ଧନୀକ ବ୍ୟକ୍ତି ଥିଲା । ସର୍ବଦା ନିଜ ଜାତିର ବିଦ୍ୱାନ୍‌ମାନଙ୍କୁ ଏବଂ ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ନିଜର ବଦାନ୍ୟତା ମାଧ୍ୟମରେ ସେମାନେଙ୍କୁ ନିଜ ଅଧୀନ କରି ରଖୁଥିଲା । କିନ୍ତୁ ଚାରିତ୍ରିକ ଦୃଷ୍ଟିକୋଣରୁ ସେ ଅତ୍ୟନ୍ତ ଅସଭ୍ୟ ଚରିତ୍ର ଏବଂ ଅଶିଷ୍ଟ ବ୍ୟକ୍ତିତ୍ୱର ଅଧିକାରୀ ଥିଲ । ଗୁପ୍ତ ରଣନୀତି ଏବଂ ଷଡ଼ଯନ୍ତ୍ରର କୌଶଳରେ ସେ ଅଭିଜ୍ଞ ଓ ପାରଙ୍ଗମ ଥିଲା । ଏପରି କୌଣସି ଅବଗୁଣ ନଥିଲା ଯାହାକି ତା' ମଧରେ ନଥିଲା । ଆଁହଜରତ ସ.ଅ ଯେତେବେଳେ ମଦିନାକୁ ପ୍ରବାସ କରି ଚାଲି ଆସିଲେ ସେତେବେଳେ କାଆବ୍ ବିନ୍ ଅଶ୍ରଫ୍ ଅନ୍ୟ ଇହୁଦୀମାନଙ୍କ ସହିତ ମିଶି ସେହି ଚୁକ୍ତିରେ ଅଂଶ ଗ୍ରହଣ କରିଥିଲା ଯେଉଁ ଚୁକ୍ତି ଆଁହଜରତ ସ.ଅ ଓ ଇହୁଦୀମାନଙ୍କ ମଧ୍ୟରେ ହୋଇଥିଲା । ଉକ୍ତ ଚୁକ୍ତି ଉଭୟ ଇହୁଦୀ ଓ ମୁସଲମାନମାନଙ୍କ ମଧ୍ୟରେ ହୋଇଥିଲା ଯାହାକି ପାରସ୍ପାରିକ ମିତ୍ରତା, ମିଳିତ ଶାନ୍ତି ଓ ସୌହାର୍ଦ୍ଦ୍ୟର ପ୍ରତିରକ୍ଷା ଉପରେ ପର୍ଯ୍ୟବେସିତ ଏବ ଉଲ୍ଲିଖିତ ହୋଇଥିଲା। ପ୍ରକାଶ୍ୟ ରୂପେ କାଆବ୍ ଉକ୍ତ ଚୁକ୍ତି କରିଥିଲା । କିନ୍ତୁ ଭିତରେ ଭିତରେ କାଆବ୍ ମନରେ ଈର୍ଷା, ଦ୍ୱେଷ ଓ ଶତ୍ରୁତାର ବହ୍ନି ପ୍ରଜ୍ଜ୍ୱଳିତ ହେବାକୁ ଲାଗିଲା । ସେ ଗୁପ୍ତ ଯୋଜନା ଏବଂ ରଣନୀତି ଦ୍ୱାରା ଇସ୍‌ଲାମ୍ ଧର୍ମର ସଂସ୍ଥାପକ ହ. ମୁହମ୍ମଦ ସ.ଅଙ୍କ ବିପକ୍ଷରେ ବିରୋଧ ପ୍ରଦର୍ଶନ କରିବାକୁ ଆରମ୍ଭ କରିଦେଲା ।

ସୁତରାଂ ଉଲ୍ଲେଖ ରହିଛି ଯେ, କାଆବ୍ ପ୍ରତ୍ୟେକ ବର୍ଷ ଇହୁଦୀ ବିଦ୍ୱାନ୍‌ମାନଙ୍କୁ ଏବଂ ବରିଷ୍ଠ ବୁଦ୍ଧିଜୀବିମାନଙ୍କୁ ଅନେକ ଦାନ ଦକ୍ଷିଣା କରୁଥିଲା । କିନ୍ତୁ ଯେତେବେଳେ ଆଁହଜରତ ସ.ଅଙ୍କ ପ୍ରବାସ ପରେ ଏହି ଲୋକମାନେ ନିଜର ବାର୍ଷିକ ଭତ୍ତା ନେବା ପାଇଁ କାଆବ୍ ନିକଟକୁ ଆସିଲେ ସେତେବେଳେ ସେ କଥା କଥାକେ ସେମାନଙ୍କ ସମ୍ମୁଖରେ ଆଁହଜରତ ସ.ଅଙ୍କ ଚର୍ଚ୍ଚା ଆରମ୍ଭ କରିଦେଲା ଓ ସେମାନଙ୍କ ଠାରୁ ଆଁହଜରତ ସ.ଅଙ୍କ ସଂକ୍ରାନ୍ତରେ ଧାର୍ମିକ ଗ୍ରନ୍ଥ ଆଧାରରରେ ମତାମତ ଲୋଡ଼ିଲା। ସେମାନେ କହିଲେ, ହେ କାଆବ୍ ! ପ୍ରକାଶ୍ୟ ରୂପେ ତ' ସେହି ବ୍ୟକ୍ତି ଅବତାର ବୋଲି ପ୍ରତିତ ହେଉଛି ଯେଉଁ ଅବତାର ସଂପର୍କରେ ଆମମାନଙ୍କୁ ତୌରାତ୍‌ରେ ଅଙ୍ଗୀକାର ପ୍ରଦାନ କରାଯାଇଛି । ଉକ୍ତ ଉତ୍ତର ଶୁଣିବା ପରେ କାଆବ୍ ରାଗି ଗଲା ଏବଂ ସମସ୍ତ ବିଦ୍ୱାନ୍ ମନିଷୀମାନଙ୍କୁ ଆଳସ୍ୟପରାୟଣ ବୋଲି କହିଲା। ସେ ସେମାନଙ୍କୁ ଅପଶବ୍ଦ ତଥା ଗାଳିଗୁଲଚ କରି ସେଠାରୁ ପଠାଇ ଦେଲା ଏବଂ ସେମାନଙ୍କୁ ଯେଉଁ ଦାନ ଦକ୍ଷିଣା ଏବଂ ଭତ୍ତା ଦେଉଥିଲା ତାହା ମଧ ସେ ଦେଲା ନାହିଁ । ଇହୁଦୀ ବିଦ୍ୱାନ୍‌ମାନଙ୍କର ଯେତେବେଳେ ଜୀବିକା ବନ୍ଦ ହୋଇଗଲା ସେତେବେଳେ କିଛି କାଳ ଗଲା ପରେ ବିଦ୍ୱାନ୍‌ମାନେ ପୁଣି କାଆବ୍ ପାଖକୁ ଗଲେ। ସେମାନେ କାଆବ୍‌କୁ କହିଲେ, ହେ କାଆବ୍ ! ଆମମାନଙ୍କୁ ଲକ୍ଷଣ ଓ ନିଦର୍ଶନ ବୁଝିବିରେ ଭ୍ରମ ଲାଗିଥିଲା । ଆମେମାନେ ପୁନଃ ବିଚାର ବିମର୍ଷ କରିଛୁ । ବାସ୍ତବରେ ମୁହମ୍ମଦ ସ.ଅ ସେହି ନବୀ (ଅବତାର) ନୁହନ୍ତି ଯାହାର ପ୍ରତିଶୃତି ଏବଂ ଅଙ୍ଗୀକାର ତୌରାତ୍‌ରେ ଦିଆଯାଇଥିଲା । ବିଦ୍ୱାନ୍‌ମାନଙ୍କ ଠାରୁ ଉକ୍ତ ଉତ୍ତର ଶୁଣିବା ପରେ କାଆବ୍‌ର ଯେଉଁ ସମସ୍ୟା ରହିଥିଲା ତାହାର ସମାଧାନ ହୋଇଗଲ । କାଆବ୍‌ର ଯେଉଁ ଅଭିପ୍ରାୟ ରହିଥିଲା ତାହା ଚରିତାର୍ଥ ହୋଇଗଲା । ତେଣୁ ସେ ଆନନ୍ଦିତ ହୋଇ ସେମାନଙ୍କୁ ବାର୍ଷିକ ଦାନ ଦକ୍ଷିଣା ଏବଂ ଭତ୍ତା ପ୍ରଦାନ କରିଦେଲା । ସେ ଯାହା ହେଉ ଏହା ତ' ଧାର୍ମିକ ବିରୋଧ ଥିଲା ଯାହାକି ଉଦ୍ଦେଶ୍ୟମୂଳକ ଭାବରେ କରାଯାଇଥିଲା । କିନ୍ତୁ ଆପତ୍ତି ଯୋଗ୍ୟ ହୋଇପାରି ନଥିଲା ଯେ, କାଆବ୍‌କୁ ଶାସ୍ତି ମିଳୁ ଓ ନା ହିଁ ଉକ୍ତ କାରଣରୁ କାଆବ୍‌କୁ ଦୋଷୀ ବୋଲି ମନେକରାଯାଇ ପାରୁଥିଲା। ଏହା ପରେ କାଆବ୍‌ର ବିରୋଧ ଅତ୍ୟନ୍ତ ଭୟଙ୍କର ରୂପ ନେଲା । ପରିଶେଷରେ ବଦର୍ ଯୁଦ୍ଧ ପରେ ସେ ଏପରି ପନ୍ଥା ଅବଲମ୍ବନ କଲା ଯାହାକି ବିରୋଧାତ୍ମକ ଏବଂ ଉପଦ୍ରବପୂର୍ଣ୍ଣ ଥିଲା । ଏହା ଫଳରେ ମୁସଲମାନମାନଙ୍କ ନିମନ୍ତେ ଅତ୍ୟନ୍ତ ବିଷମ ଓ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଗଲା । ବାସ୍ତବରେ କାଆବ୍ ବଦର୍ ଯୁଦ୍ଧ ପୂର୍ବରୁ ଏହା ଭାବୁଥିଲା ଯେ, ମୁସଲମାନମାନଙ୍କର ବିଶ୍ୱାସିକ ଉତ୍ସାହ ଏକ ସାମୟିକ କଥା ଅଟେ । ଧୀରେ ଧୀରେ ଏହି ସମସ୍ତ ଲୋକମାନେ ସ୍ୱତଃସ୍ଫୁର୍ତଃ ବିକ୍ଷିପ୍ତ ହୋଇ ନିଜର ମାତୃଭୂମି ଆଡ଼କୁ ଫେରି ଆସିବେ । କିନ୍ତୁ ବଦର୍ ଯୁଦ୍ଧ ଅବସରରେ ମୁସଲମାନମାନଙ୍କୁ ଯେତେବେଳେ ଅନାଶାତିତ ତଥା ଅପ୍ରତ୍ୟାଶିତ ଭାବରେ ବିଜୟ ପ୍ରାପ୍ତ ହେଲା ଏବଂ କୁରେଶ୍‌ର ଅନେକ ଅଧିପତିମାନେ ନିହତ ହେଲେ । ସେତେବେଳେ କାଆବ୍ ଏହା ମନେକଲା ଯେ, ବର୍ତ୍ତମାନ ଉକ୍ତ ନୂତନ ଧର୍ମଟି ସହଜରେ ନିଶ୍ଚିହ୍ନ ହେବା ଭଳି ଦୃଶ୍ୟମାନ ହେଉ ନାହିଁ । ସୁତରାଂ ବଦର୍ ଯୁଦ୍ଧ ପରେ ସେ ନିଜର ସଂପୂର୍ଣ୍ଣ ଉଦ୍ୟମ ତଥା ସାମର୍ଥ୍ୟର ସହିତ ଇସ୍‌ଲାମ୍ ଧର୍ମକୁ ସମାପ୍ତ ଏବଂ ନିଶ୍ଚିହ୍ନ କରିଦେବାରେ ବିନିଯୋଗ କରିଦେବା ନିମନ୍ତେ ପ୍ରଣ ନେଲା ।

କାଆବ୍‌ର ହୃଦୟରେ ଥିବା ଦ୍ୱେଷାଭାବ ଓ ଇର୍ଷାଭାବର ପ୍ରଥମ ପରିପ୍ରକାଶ ସେହି ଅବସରରେ ହୋଇଥିଲା ଯେତେବେଳେ ମଦିନାରେ ବଦର୍ ଯୁଦ୍ଧର ବିଜୟ ସଂପର୍କରେ ଖବର ପହଞ୍ଚିଥିଲା । ସେତେବେଳେ କାଆବ୍ ଉକ୍ତ ଖବରକୁ ଶୁଣି ସର୍ବସମ୍ମୁଖରେ ଏବଂ ସମସ୍ତ ସାକ୍ଷ୍ୟମାନଙ୍କ ସମ୍ମୁଖରେ ଏହା କହିଦେଲା ଯେ, ଉକ୍ତ ଖବରଟି ସଂପୂର୍ଣ୍ଣ ରୂପେ ମିଥ୍ୟାଧାରିତ ବୋଲି ମନେହେଉଛି । କାରଣ ଏହା ଅସମ୍ଭବ ଯେ, ମୁହମ୍ମଦ ସ.ଅ କୁରେଶ୍‌ର ବିଶାଳ ସୈନ୍ୟବାହିନୀ ଉପରେ ବିଜୟ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ପ୍ରାପ୍ତ କରିଥିବେ । ମକ୍କାର ପ୍ରଖ୍ୟାତ ଧନାଢ୍ୟ ବ୍ୟକ୍ତିମାନେ ମାଟିରେ ମିଶିଯାଇଥିବେ। ଆଉ ଯଦି ଉକ୍ତ ଖବରଟି ସତ୍ୟ ହୋଇଥାଏ ତେବେ ଏହି ଜୀବନ ଜିଇଁବା ଅପେକ୍ଷା ମୃତ୍ୟୁ ଅଧିକ ଶ୍ରେୟସ୍କର ଅଟେ । ସେ ଯାହା ହେଉ ଯେତେବେଳେ ଉକ୍ତ ଖବରର ପୁଷ୍ଟି ହୋଇଗଲା ଓ କାଆବ୍‌କୁ ବିଶ୍ୱାସ ହୋଇଗଲା ଯେ, ବାସ୍ତବରେ ବଦର୍ ଯୁଦ୍ଧର ବିଜୟ ଇସ୍‌ଲାମ୍ ଧର୍ମକୁ ସେହି ଦାର୍ଢ୍ୟତା (ଦୃଢ଼ତା) ପ୍ରଦାନ କରିଦେଇଛି ଯାହାର ସେ କଳ୍ପନା ମଧ କରି ନଥିଲା । ତେଣୁ ସେ କ୍ରୋଧାନ୍ୱିତ ଓ କ୍ରୋଧ ଜର୍ଜରିତ ହୋଇ ତୁରନ୍ତ ଯାତ୍ରା ପ୍ରସ୍ତୁତି କରି ମକ୍କା ଅଭିମୁଖେର ବାହାରି ପଡ଼ିଲା । ସେଠାକୁ ଯାଇ ସେ ନିଜର ଚର୍ବିତ ଚର୍ବଣ ଏବଂ ଚାଟୁକାରୀମୂଳକ କାବ୍ୟ କଥନ ବଳରେ କୁରୈଶ୍‌ର ଲୋକମାନଙ୍କ ମନରେ ଥିବା ବହ୍ନି (ନିଆଁ)କୁ ପ୍ରଜ୍ଜ୍ୱଳିତ କରିଦେଲା । ସେମାନଙ୍କର ଅର୍ଥାତ୍ କୁରୈଶ୍‌ମାନଙ୍କ ମନରେ ମୁସଲମାନମାନଙ୍କର ରକ୍ତର ଯେଉଁ ତୃଷ୍ଣା ଓ ପିପାସା ରହିଥିଲା ସେହି ନ ମେଣ୍ଟିବାର ତୃଷ୍ଣା ସେମାନଙ୍କ ମଧ୍ୟରେ ସୃଷ୍ଟି କରିଦେଲା। ସେମାନଙ୍କର ହୃଦୟରେ ପ୍ରତିଶୋଧ ନେବାର ଯେଉଁ ଆବେଗ ରହିଥିଲା ତାହା କ୍ରମଶଃ ଶତ୍ରୁତା ଦ୍ୱାରା ପରିପୂର୍ଣ୍ଣ କିରେଦେଲା । ଯେତେବେଳେ କାଆବ୍‌ର ହିଂସାତ୍ମକ ବାକ୍ୟ ଦ୍ୱାରା ସେମାନଙ୍କ (କୁରୈଶ୍‌ମାନଙ୍କ) ଆବେଗରେ ଅତ୍ୟନ୍ତ ଦ୍ରୁତ ଗତିରେ ବୈଦ୍ୟୁତିକ ସ୍ରୋତ ତଥା ତରଙ୍ଗ ସୃଷ୍ଟି ହୋଇଗଲା । ସେତେବେଳେ କାଆବ୍ କୁରୈଶ୍‌ମାନଙ୍କୁ କାଆବାର ପ୍ରାଙ୍ଗଣକୁ ନେଇଯାଇ କାଆବର ପରଦା ସେମାନଙ୍କ ହସ୍ତରେ ଧରାଇ ସେମାନଙ୍କ ଠାରୁ ପ୍ରତିଜ୍ଞା ନେଲା । ସେହି ପ୍ରତିଜ୍ଞା ଏହା ଥିଲା ଯେ, ଯେପର୍ଯ୍ୟନ୍ତ ଇସ୍‌ଲାମ୍ ଧର୍ମ ଓ ଇସ୍‌ଲାମ୍ ଧର୍ମର ସଂସ୍ଥାପକଙ୍କୁ ଭୂପୃଷ୍ଠରୁ ନିଶ୍ଚିହ୍ନ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ସେମାନେ ଶାନ୍ତିରେ ନିଃଶ୍ୱାସ ନେବେ ନାହିଁ କି ଶାନ୍ତିରେ ବସିବେ ନାହିଁ । ମକ୍କାରେ ଉକ୍ତ ଜ୍ୱାଳାମୁଖୀ ବିପ୍ଳବ ସୃଷ୍ଟି କରି ସେହି ହତଭାଗ୍ୟ ବ୍ୟକ୍ତି କାଆବ୍ ଅନ୍ୟ ସଂପ୍ରଦାୟ ମୁହାଁ ହେଲା । ଗୋଟିଏ ଜାତିରୁ ଅନ୍ୟ ଜାତିକୁ ଘୁରିବୁଲି ମୁସଲମାନମାନଙ୍କ ବିରୁଦ୍ଧରେ ଲୋକମାନଙ୍କୁ ଉସ୍‌କାଉଥିଲା । ପୁନଶ୍ଚ ମଦିନାକୁ ଫେରି ଆସି ନିଜର ଉତ୍ସାହବାହୀ କବିତାମାନଙ୍କରେ ଅତ୍ୟନ୍ତ ଅଶ୍ଳୀଳ ଓ ଅସଭ୍ୟ ଢଙ୍ଗରେ ମୁସଲମାନ ମହିଳାମାନଙ୍କର ଚର୍ଚ୍ଚା କରିଲା । ଏପର୍ଯ୍ୟନ୍ତକି ଆଁହଜରତ ସ.ଅଙ୍କ ଅବତାରଙ୍ଘର ମହିଳାମାନଙ୍କୁ ନିଜର ଦୁରାଚାରୀମୂଳକ କବିତାରେ ସେମାନଙ୍କୁ ବିଦ୍ରୂପ ଓ ଶରବ୍ୟ କରିବାକୁ ପଶ୍ଚାତ୍‌ପଦା ହେଲା ନାହିଁ । କାଆବ୍ ଦେଶରେ ଏହି କବିତାର ଚର୍ଚ୍ଚା ଏବଂ ପ୍ରଚାରା କଲା । ପରିଶେଷରେ ଆଁହଜରତ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଷଡ଼ଯନ୍ତ୍ର ରଚିଲା । ଆଁହଜରତ ସ.ଅଙ୍କୁ କୌଣସି ନିମନ୍ତ୍ରଣ ଇତ୍ୟାଦି ଆଳ କରି ନିଜର ବାସ ଭବନକୁ ନିମନ୍ତ୍ରିତ କରି କେତେକ ଇହୁଦୀ ଯୁବକମାନଙ୍କ ଦ୍ୱାରା ଆପଣ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କଲା । କିନ୍ତୁ ଈଶ୍ୱରଙ୍କ କୃପାରୁ ଯଥା ସମୟରେ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ଆପଣଙ୍କୁ ଅବଗତ କରିଦେଲେ ଓ ତା'ର ଏହି ଷଡ଼ଯନ୍ତ୍ର ସାଫଲ୍ୟମଣ୍ଡିତ ହୋଇପାରିଲା ନାହିଁ ।

ସ୍ଥିତି ଏପରି ହୋଇଗଲା ଏବଂ କାଆବ୍‌ର ଅଙ୍ଗୀକାର ଭଙ୍ଗ, ବିଦ୍ରୋହ, ଯୁଦ୍ଧ ନିମନ୍ତ୍ରା ଆହ୍ୱାନ ଦେବା, ଉପଦ୍ରବ, ହିଂସା, ଅଶ୍ଳୀଳ ଭାଷା ଏବଂ ହତ୍ୟାର ଷଡ଼ଯନ୍ତ୍ର ସିଦ୍ଧ ହୋଇଗଲା ସେତେବେଳେ ଆଁହଜରତ ସ.ଅ ଆନ୍ତର୍ଜାତିକ ଦୃଷ୍ଟିରୁ ମଦିନା ଆସିବା ପରେ ମଦିନାବାସୀଙ୍କ ସହିତ ଯେଉଁ ଚୁକ୍ତି କରିଥିଲେ, ଆପଣ ସ.ଅ ମଦିନାର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ରାଷ୍ଟ୍ରପତି ଏବଂ ସର୍ବୋଚ୍ଚ ନାଗରିକ ଓ ନ୍ୟାୟକର୍ତ୍ତା ଥିଲେ । ଆପଣ ସ.ଅ ଏହି ନିର୍ଣ୍ଣୟ ଶୁଣାଇଲେ ଯେ, କାଆବ୍ ବିନ୍ ଅଶ୍ରଫ୍ ନିଜର କୁକୃତ୍ୟ ଯୋଗୁଁ ହତ୍ୟା ଯୋଗ୍ୟ ଅଟେ । ଆପଣ ସ.ଅ ନିଜର ସାହାବାମାନଙ୍କୁ ଆଦେଶ ଦେଲେ ଯେ, କାଆବ୍‌ର ସଂହାର କରିଦିଆଯାଉ । କିନ୍ତୁ ସେତେବେଳେ କାଆବ୍‌ର ଉପଦ୍ରବ ତଥା ହିଂସା ଯୋଗୁଁ ମଦିନାର ବାତାବରଣ ଏପରି ହୋଇଥିଲା ଯେ, ଯଦି କାଆବ୍ ବିରୁଦ୍ଧରେ ସ୍ୱତନ୍ତ୍ର ଘୋଷଣା କରି ତା'ର ବଧ କରିଦିଆଯାଇ ଥାଆନ୍ତା ତେବେ ମଦିନାରେ ଏକ ଭୟଙ୍କର ଗୃହଯୁଦ୍ଧ ଆରମ୍ଭ ହୋଇଯିବାର ଆଶଙ୍କା ରହିଥିଲା । ଉକ୍ତ ଗୃହ ଯୁଦ୍ଧରେ କେଜାଣି କେତେ ରକ୍ତପାତ ହୋଇଥାଆନ୍ତା ଏବଂ ଆଁହଜରତ ସ.ଅ ଯଥାସମ୍ଭବ ଏବଂ ବୈଧ ତଥା ଯଥାଯଥ ବଳିଦାନ କରି ବିଭିନ୍ନ ଜାତି ତଥା ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ରକ୍ତପାତକୁ ରୋକିବାକୁ ଚାହୁଁଥିଲେ । ଅର୍ଥାତ୍ ମୁସଲମାନ ଏବଂ ଇହୁଦୀମାନେ ପରସ୍ପର ମଧ୍ୟରେ ଯୁଦ୍ଧ କରି ପରସ୍ପରକୁ କ୍ଷତି ନପହଞ୍ଚାନ୍ତୁ । ପରସ୍ପର ହାତରେ ନିହତ ହୋଇ ନଯାଆନ୍ତୁ । ତେବେ ଆପଣ ସ.ଅ ଏହି ନିର୍ଦ୍ଦେଶ ଦେଲେ ଯେ, କାଆବ୍‌କୁ ସର୍ବ ସମ୍ମୁଖରେ ବଧ କରା ନଯାଉ ବରଂ କିଛି ଲୋକ ଅତ୍ୟନ୍ତ ନୀରବତାର ସହିତ କୌଣସି ଯଥା ସମୟ ବାହାର କରି ତା'ର ସଂହାର କରିଦିଅନ୍ତୁ । ଉକ୍ତ ଡ୍ୟୁଟି (ଦାୟିତ୍ୱ) ଆପଣ ସ.ଅ ଓସ୍ ସଂପ୍ରଦାୟର ଜଣେ ନୈଷ୍ଠିକ ସାହାବି ଯାହାଙ୍କର ନାମ ମୁହମ୍ମଦ ବିନ୍ ମୁସଲ୍ଲମା ଥିଲା ତାଙ୍କୁ ଅର୍ପଣ କରିଥିଲେ । ହ. ମୁହମ୍ମଦ ବିନ୍ ମୁସଲ୍ଲମା ର.ଅଙ୍କୁ ଆପଣ ସ.ଅ ଏହି ତାଗିଦ୍ କଲେ ଯେ, ସେ ଯେଉଁ ପନ୍ଥା ବି ଅବଲମ୍ବନ କରିବେ ଓସ୍ ସଂପ୍ରଦାୟର ଅଧିପତି ସାଆଦ୍ ବିନ୍ ମୁଆଜ୍ ସ.ଅଙ୍କ ସହିତ ପରାମର୍ଶ କରିବେ । ମୁହମ୍ମଦ୍ ବିନ୍ ମୁସଲ୍ଲମା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ନିରବତାର ସହିତ ସଂହାର କରିବାକୁ ହେଲେ ତା'କୁ କିଛି ଚିକ୍କଣିଆ କଥା କହିବାକୁ ପଡ଼ିବ । ଅର୍ଥାତ୍ କୌଣସି ଯୋଜନା ଏବଂ ଉପାୟ ପାଞ୍ଚିବାକୁ ହେବ । ଉକ୍ତ ଉପାୟ ସାହାଯ୍ୟରେ କାଆବ୍‌କୁ ତା' ଘରୁ ବାହାରକୁ ଡକାଇ କୌଣସି ସୁରକ୍ଷିତ ସ୍ଥାନରେ ନେଇ ବଧ କରିବାକୁ ହେବ । ଆପଣ ସ.ଅ ସେହି କୁପ୍ରଭାବକୁ ଦୃଷ୍ଟି ଆଗରେ ରଖିଥିଲେ । ଯାହାକି ସେହି ଅବସରର ଏକ ନିରବ ଶାନ୍ତିର ପନ୍ଥାକୁ ପରିତ୍ୟାଗ କରିବା ପରେ ଯେଉଁ ପ୍ରଭାବ ସୃଷ୍ଟି ହୋଇପାରି ଥାଆନ୍ତା ତାହାକୁ ଦୃଷ୍ଟିରେ ରଖି ଆପଣ ସ.ଅ କହିଲେ, ଆଚ୍ଛା ତୁମେ ଏହିପରି ପନ୍ଥା ଆପଣାଅ ଯେପରି ତୁମେ ଭାବିଛ । ସୁତରାଂ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ସାଆଦ୍ ବିନ୍ ମୁଆଜ ର.ଅଙ୍କ ପରାମର୍ଶ କ୍ରମେ ଅବୁ ନାଏଲା ଏବଂ ଆଉ ଦୁଇ ତିନି ଜଣ ସାହାବିଙ୍କୁ ନିଜ ସହିତ ସାଙ୍ଗରେ ନେଇନେଲେ ଏବଂ କାଆବ୍‌ର ଘରେ ପହଞ୍ଚିଲେ ଏବଂ କାଆବ୍‌କୁ ତା'ର ଘର ଭିତରୁ ବାହରକୁ ଡାକି କହିଲେ, ହେ କାଆବ୍ ! ଆମର ପ୍ରିୟ ମୁନିବ ଆମ ଠାରୁ ସଦ୍‌କା (ଦାନ ଦକ୍ଷିଣା) ମାଗିଛନ୍ତି ଏବଂ ଆମେ ଦୁର୍ଦ୍ଦିନ ଏବଂ ଦୁର୍ଦ୍ଦଶାବସ୍ଥା ଦେଇ ଗତି କରୁଛୁ । ତୁମେ ଟିକିଏ ଦୟା କରି ଆମକୁ କିଛି ଋଣ ଦେଇଥାଆନ୍ତ ? ଉକ୍ତ କଥା ଶୁଣି କାଆବ ପ୍ରସନ୍ନଚିତ୍ତ ହୋଇ କହିବାକୁ ଲାଗିଲା, ଓଲ୍ଲାଃ ! ସେହି ଦିନ ଆଉ ବେଶୀ ଦୂର ନୁହେଁ ଯେତେବେଳେ ତୁମେମାନେ ଉକ୍ତ କଥାରୁ ବୀତସ୍ପୃହ ହୋଇ ତା'କୁ ଅର୍ଥାତ୍ ଆଁହଜରତ ସ.ଅଙ୍କୁ ପରିତ୍ୟାଗ କରିଦେବ। ଉକ୍ତ କଥା ଶୁଣି ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ଉତ୍ତର ଦେଲା ଯେ, ହଉ ଛାଡ଼ ସେକଥା ! ଆମେମାନେ ତ' ମୁହମ୍ମଦ ସ.ଅଙ୍କ ଆନୁଗତ୍ୟ ଅବଲମ୍ବନ କରିସାରିଛୁ । ବର୍ତ୍ତମାନ ଆମେମାନେ ଏହା ଲକ୍ଷ୍ୟ କରୁଛୁ ଯେ, ଉକ୍ତ ସଂପ୍ରଦାୟର ପରିଣାମ କ'ଣ ହେବ ଦେଖାଯାଉ ? କିନ୍ତୁ ହେ କାଆବ୍ ! ତୁମେ ଆଗ ଏହା କୁହ ଯେ, ତୁମେ ଆମକୁ ଋଣ ଦେବ ଅବା ନୁହେଁ ? ହେ ମୁହମ୍ମଦ ବିନ୍ ମୁସଲ୍ଲମା ! କାଆବ୍ କହିଲା, ହଁ ଦେବି, ତୁମେ ଯଦି କୌଣସି ଜିନିଷ ମୋ ପାଖରେ ବନ୍ଧକ ରଖ ଆଗ । କାଆବ୍ ପ୍ରଥମେ ମହିଳା ଏବଂ ପୁତ୍ରମାନଙ୍କୁ ବନ୍ଧକ ରଖିବାକୁ କହିଲା ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଯେପରିକି ମୁଁ ବର୍ତ୍ତମାନ ବୁଖାରୀରର ପ୍ରାମାଣ୍ୟ ଉପସ୍ଥାପିତ କରି ବର୍ଣ୍ଣନା କରିଛି ଓ ପରିଶେଷରେ କାଆବ୍ ସେହି ଅସ୍ତ୍ରଶସ୍ତ୍ରଗୁଡ଼ିକୁ ବନ୍ଧକ ରଖିବା ନିମନ୍ତେ ରାଜି ହୋଇଗଲା ଏବଂ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ଓ ତାଙ୍କର ସାଥିମାନେ କାଆବ୍‌କୁ ରାତ୍ର ସମୟରେ ଆସିବା ନିମନ୍ତେ ପ୍ରତିଶ୍ରୁତି ଦେଇ କାଆବ୍ ଘରୁ ଫେରି ଆସିଲେ । ଯେତେବେଳେ ରାତ୍ର ସମୟ ହେଲା ସେତେବେଳେ ଉକ୍ତ ଦଳ ଅସ୍ତ୍ରଶସ୍ତ୍ର ସାଙ୍ଗରେ ନେଇ କାଆବ୍ ଘରକୁ ପହଞ୍ଚିଲେ ଏବଂ ତା'କୁ ଘରୁ ବାହାରକୁ ବାହାର କରି କଥାବାର୍ତ୍ତା କରିବା ପାଇଁ ଏକ ପାର୍ଶ୍ୱକୁ ନେଇ ଆସିଲେ । ପୁନଶ୍ଚ କିଛି ସମୟରେ ପରେ ଚାଲୁ ଚାଲୁ ତା'କୁ କାବୁ କରି ସେହି ସାହାବାମାନେ ଯେଉଁମାନେ ପୂର୍ବରୁ ଅସ୍ତ୍ରଶସ୍ତ୍ର ଦ୍ୱାରା ସୁସଜ୍ଜିତ ଥିଲେ ସେମାନେ ଖଡ଼୍‌ଗ ଚାଳନା କରି ତା'ର ସଂହାର କରିଦେଲେ । ସେ ଯାହା ହେଉ କାଆବ୍ ସେଠାରେ ନିହତ ହୋଇ ପଡ଼ିଥିଲା ଏବଂ ମୁହମ୍ମଦ ବିନ୍ ମୁସଲ୍ଲମା ର.ଅ ଓ ତାଙ୍କର ସାଥିମାନେ ସେଠାରୁ ପ୍ରସ୍ଥାନ କରି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଆପଣ ସ.ଅଙ୍କୁ ଉକ୍ତ ହତ୍ୟାର ସୂଚନା ପ୍ରଦାନ କଲେ ।

ଯେତେବେଳେ କାଆବର ହତ୍ୟା ଖବର ଚତୁର୍ଦ୍ଦିଗରେ ପ୍ରଚାରିତ ହୋଇଗଲା ସେତେବେଳେ ସହରରେ ଏକ ଆତଙ୍କ ଖେଳିଗଲା ଏବଂ ଇହୁଦୀ ଲୋକମାନେ ଅତ୍ୟନ୍ତ କ୍ରୋଧ, ଉତ୍ସାହ ଏବଂ ଆବେଗ ପ୍ରବଣ ହୋଇ ଉଠିଲେ । ପରବର୍ତ୍ତୀ ଦିନ ସକାଳେ ଇହୁଦୀମାନଙ୍କର ଏକ ପ୍ରତିନିଧି ଦଳ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ଅଭିଯୋଗ କଲା ଯେ, ଆମର ଅଧିପତି କାଆବ୍ ବିନ୍ ଅଶ୍ରଫ୍‌କୁ ଏହିପରି ନିର୍ମମ ଭାବରେ ହତ୍ୟା କରିଦିଆଯାଇଛି । ଆଁହଜରତ ସ.ଅ ସେମାନଙ୍କର କଥା ଶୁଣି ସେହି ଇହୁଦୀମାନଙ୍କୁ କହିଲେ, ହେ ଇହୁଦୀମାନେ ! କ'ଣ ତୁମେମାନେ ଜାଣି ନାହଁ ଯେ, କାଆବ୍ କିପରିକା ପାପ ଓ ଅପରାଧ କରିଥିଲା ? ଏତଦ୍‌ପରେ ଆପଣ ସ.ଅ ଅତ୍ୟନ୍ତ ବିସ୍ତୃତ ଭାବରେ ସେମାନଙ୍କୁ କାଆବ୍‌ର ଶପଥ ଭଙ୍ଗ, ଯୁଦ୍ଧ ପାଇଁ ପ୍ରବର୍ତ୍ତାଇବା, ହିଂସା, ଉପଦ୍ରବ, ଅଶ୍ଳୀଳ ଭାଷା ପ୍ରୟୋଗ ଏବଂ ହତ୍ୟା ଇତ୍ୟାଦିର କାର୍ଯ୍ୟାନୁଷ୍ଠାନ ସଂପର୍କରେ ସ୍ମରଣ କରାଇଲେ । ଉକ୍ତ କଥାକୁ ଶୁଣି ଏହି ଲୋକମାନେ ଭୟଭୀତ ହୋଇ ନିରବ ହୋଇଗଲେ । ଏତଦ୍‌ପରେ ଆଁହଜରତ ସ.ଅ ସେମାନଙ୍କୁ କହିଲେ, ତୁମମାନଙ୍କ ପକ୍ଷେ ଏହା ଉଚିତ୍ ହେବ ଯେ, ତୁମେମାନେ

**ହଦିସେ ନବଓ୍ୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ଭବିଷ୍ୟ ପାଇଁ ଶାନ୍ତି ଓ ସହଯୋଗର ସହିତ ଏଠାରେ ରୁହ । ଶତ୍ରୁତା, ଉପଦ୍ରବ ଏବଂ ହିଂସା ଇତ୍ୟାଦିର ବୀଜ ଆଦୌ ବପନ କର ନାହିଁ । ସୁତରାଂ ଇହୁଦୀମାନଙ୍କ ସହମତି କ୍ରମେ ଆଗାମୀ ଦିନମାନଙ୍କ ପାଇଁ ଏକ ନୂତନ ଚୁକ୍ତି ସ୍ୱାକ୍ଷରିତ ହେଲା । ଇହୁଦୀମାନେ ମୁସଲମାନମାନଙ୍କ ସହିତ ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ସହିତ ରହିବା ପାଇଁ ତଥା ହିଂସା ଓ ଉପଦ୍ରବର ପଛାରୁ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ନୂତନ ଭାବରେ ଅଙ୍ଗୀକାର ଓ ପ୍ରତିଶୃତି କଲେ । ଉକ୍ତ ଚୁକ୍ତିନାମା ବା ରାଜିନାମାର ଦାୟିତ୍ୱ ହ. ଅଲୀ ର.ଅଙ୍କ ଉପରେ ନ୍ୟସ୍ତ କରାଯାଇଥିଲା ।

ଇତିହାସରେ କୌଣସି ସ୍ଥାନରେ ଏହା ବର୍ଣ୍ଣିତ ହୋଇ ନାହିଁ ଯେ, ଏହାପରେ ଇହୁଦୀମାନେ କେବେ କାଆବ୍ ବିନ୍ ଅଶ୍ରଫ୍‌ର ହତ୍ୟାର ଚର୍ଚ୍ଚା କରି ମୁସଲମାନମାନଙ୍କ ଉପରେ ଦୋଷାରୋପଣ କରିଥିବେ । କାରଣ ସେମାନଙ୍କର ହୃଦୟ ଏହା ଅନୁଭବ କରୁଥିଲା ଯେ, କାଆବ୍‌କୁ ନିଜ ଅପରାଧର ଶାସ୍ତି ମିଳି ସାରିଛି । ସୁତରାଂ ସେତେବେଳେର ପ୍ରଚଳିତ ଆଇନ ବ୍ୟବସ୍ଥା ଅନୁଯାୟୀ କାଆବ୍ ସହିତ ଯେଉଁ ବ୍ୟବହାର ପ୍ରଦର୍ଶନ କରାଗଲା, ଏହାକୁ ଦେଖି ଇହୁଦୀମାନଙ୍କର ନିରବ ରହିବା ଏହା ଦର୍ଶାଏ ଯେ, ସେମାନେ ଉକ୍ତ ଶାସ୍ତି ଓ ବ୍ୟବହାରକୁ ସ୍ୱୀକାର କରିଥିଲେ ।

କେତେକ ଇତିହାସବିତ୍‌ମାନେ ପରବର୍ତ୍ତୀ ସମୟରେ ଏହି ଆପତ୍ତି କରନ୍ତି ଯେ, ଆଁହଜରତ ସ.ଅ ଏକ ଅବୈଧ ହତ୍ୟା କରାଇ ଦେଇଛନ୍ତି । ଏହା ସେମାନଙ୍କର ଭ୍ରମ ଧାରଣା ଅଟେ । ସ୍ପଷ୍ଟ ହେଉ ଯେ, ଉକ୍ତ ସଂହାରଟି ଅବୈଧ ନଥିଲା । କାରଣ କାଆବି ବିନ୍ ଅଶ୍ରଫ୍ ଆଁହଜରତ ସ.ଅଙ୍କ ସହିତ ନିୟମିତ ଭାବରେ ଶାନ୍ତିର ଚୁକ୍ତି କରି ସାରିଥିଲା । ମୁସଲମାନମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ' ଦୂରର କଥା ସେ ଉକ୍ତ କଥାର ଶପଥ ନେଇଥିଲା ଯେ, ସେ ପ୍ରତ୍ୟେକ ବାହ୍ୟ ଶତ୍ରୁ ବିପକ୍ଷରେ ମୁସଲମାନମାନଙ୍କୁ ସାହାଯ୍ୟ କରିବ ଓ ମୁସଲମାନମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରଖିବ । ସେ ଉକ୍ତ ଚୁକ୍ତି ଅନୁଯାୟୀ ଏହା ମଧ୍ୟ ସ୍ୱୀକାର କରିଥିଲା ଯେ, ମଦିନାରେ ଯେଉଁ ଗଣତାନ୍ତ୍ରିକ ସରକାରର ରୂପ ଅବୟବ ସ୍ଥାପନ କରାଯାଇଛି ସେହି ରାଷ୍ଟ୍ରରେ ଆଁହଜରତ ସ.ଅ ରାଷ୍ଟ୍ରପତ୍ତି ହେବେ ଏବଂ ପ୍ରତ୍ୟେକ ପ୍ରକାରର କଳହ ଇତ୍ୟାଦିରେ ଆପଣ ସ.ଅଙ୍କର ନିର୍ଣ୍ଣୟ ସମସ୍ତଙ୍କ ନିମନ୍ତେ ଶିରୋଧାର୍ଯ୍ୟ ଓ ସ୍ୱୀକାର କରିବାକୁ ବାଧ୍ୟ ହେବେ । ସୁତରାଂ ହ. ମିର୍ଜା ବଶୀର ଅହେମଦ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ଇତିହାସରୁ ପ୍ରମାଣିତ ଯେ, ସେହି ଚୁକ୍ତି ଅନୁଯାୟୀ ଇହୁଦୀ ଲୋକମାନେ ନିଜର ମକଦ୍ଦମା ଇତ୍ୟାଦି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥାପିତ କରୁଥିଲେ ଓ ଆପଣ ସ.ଅ ସେମାନଙ୍କ ମଧ୍ୟରେ ଆଦେଶ ପ୍ରଣୟନ ବା କାର୍ଯ୍ୟାକାରୀ କରୁଥିଲେ । ବର୍ତ୍ତମାନ ଏହିସବୁ ପରିସ୍ଥିତି ଥାଉ ଥାଉ କାଆବ୍ ବିନ୍ ଅଶ୍ରଫ୍ ନିଜର ସମସ୍ତ ପ୍ରତିଶୃତି, ଶପଥ ଇତ୍ୟାଦିକୁ ପରିତ୍ୟାଗ କରିଦେଲା । ତାହା ଉପରେ ଆଉ ସେ କାର୍ଯ୍ୟାନୁସରଣ କଲା ନାହିଁ । ସେ କେବଳ ମୁସଲମାନମାନଙ୍କ ସହିତ ବିଶ୍ୱାସଘାତକତା କଲା ନାହିଁ ବରଂ ସରକାରଙ୍କ ସହିତ ମଧ୍ୟ ବିଶ୍ୱାସଘାତକତା କଲା । ଏଠାରେ ମୁସଲମାନମାନଙ୍କ ସହିତ ବିଶ୍ୱାସଘାତକତାର ପ୍ରଶ୍ନ ଉଠୁ ନାହିଁ । କାଆବ୍ ସରକାରଙ୍କ ସହିତ ବିଶ୍ୱାସଘାତକତା କଲା କାରଣ ଆଁହଜରତ ସ.ଅଙ୍କ ଦେଶର ରାଷ୍ଟ୍ରପତ୍ତି ଥିଲେ ଓ ସେ ମଦିନାରେ ଉପଦ୍ରବର ବୀଜ ବପନ କରି ଦେଶରେ ଅରାଜକତା ସୃଷ୍ଟି କରି ଯୁଦ୍ଧର ବହ୍ନି ପ୍ରଜ୍ୱଳିତ କରିବା ପାଇଁ ଉଦ୍ୟମ କଲା। ସେ ମୁସଲମାନମାନଙ୍କ ବିରୁଦ୍ଧରେ ଆରବର ସଂପ୍ରଦାୟମାନଙ୍କୁ ଭୟଙ୍କର ରୂପେ ଉସ୍‌କାଇଲା । ପୁନଶ୍ଚ ଆଁହଜରତ ସ.ଅଙ୍କ ହତ୍ୟାର ଯୋଜନା ପ୍ରସ୍ତୁତ କରିଥିଲା । ଏହି ସମସ୍ତ ଯୋଜନା ଓ ଷଡ଼ଯନ୍ତ୍ର ଏପରି ପରିସ୍ଥିତିରେ କଲା କି ମୁସଲମାନମାନେ ଯେଉଁମାନେ ପୂର୍ବରୁ ହିଁ ଚତୁର୍ପାର୍ଶ୍ୱରୁ ବିପଦଗ୍ରସ୍ତ ଥିଲ । ସେମାନଙ୍କ ନିମନ୍ତେ ଅତ୍ୟନ୍ତ ବିଷମ ପରିସ୍ଥିତି ସୃଷ୍ଟି କରିଦେଲା । ସେହି ପରିସ୍ଥିତିରେ କାଆବ୍‌ର ଅପରାଧ ନୁହେଁ ବରଂ ଅନେକ ଅପରାଧର ସମାହାର ଏପରି ନଥିଲା ଯେ, ତା' ବିରୁଦ୍ଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥାଆନ୍ତା ? ସୁତରାଂ ଉକ୍ତ ପଦକ୍ଷେପ ଗ୍ରହଣ କରାଗଲା ଓ ଆଜିକାଲି ସଭ୍ୟ ବୋଲାଉଥିବା ରାଷ୍ଟ୍ରମାନଙ୍କରେ ବିଦ୍ରୋହ ଏବଂ ଶପଥ ଭଙ୍ଗ, ଚୁକ୍ତି ଭଙ୍ଗ, ଯୁଦ୍ଧକୁ ଆହୁରି ଉସ୍‌କାଇବା ଓ ଷଡ଼ଯନ୍ତ୍ରର ଅପରାଧାରେ ଲିପ୍ତ ଥିବା ଦୋଷୀକୁ ବଧ କରିବାର ଶାସ୍ତି ଦିଆଯାଇଥାଏ । ତେବେ ଆପତ୍ତି କେଉଁ କଥାର ? ବରଂ ଆଜିକାଲି ପାଲେଷ୍ଟାଇନ୍ ଓ ଇସ୍ରାଇଲ୍ ମଧ୍ୟରେ ଯାହା ଘଟୁଛି ତାହା ବହୁତ ଅତ୍ୟଧିକ ହେଉଛି । ସେ ଯାହା ହେଉ ଅନେକ ଦୃଷ୍ଟିରୁ ଏହା ଆଦୌ ସମୀଚୀନ ନୁହେଁ ।

ପୁନଶ୍ଚ ହତ୍ୟା ବା ସଂହାର କରିବାର ଦ୍ୱିତୀୟ ପ୍ରଶ୍ନ ହେଉଛି ଯେ, କାଆବ୍‌କୁ ରାତ୍ର ସମୟରେ ଅତ୍ୟନ୍ତ ନିରବତାର ସହିତ କାହିଁକି ହତ୍ୟା କରାଗଲା ? ଏଥି ସଂକ୍ରାନ୍ତରେ ଏହା ମନେ ରଖିବା ଉଚିତ୍ ଯେ, ଆରବରେ ସେତେବେଳେ ନିୟମିତ ଶାସନ ଏବଂ ନିୟମିତ ସରକାର ନଥିଲା । ଅବଶ୍ୟ ଜଣେ ଶାସକ ନିଯୁକ୍ତ କରି ନିଆଯାଇଥିଲା। କିନ୍ତୁ କେବଳ ତା'ରି ନିଷ୍ପତ୍ତି ଶେଷ ନିଷ୍ପତ୍ତି ହେଉ ନଥିଲା । ବରଂ ଯଦି କୌଣସି ବ୍ୟକ୍ତି ଓ କୌଣସି ସଂପ୍ରଦାୟ ନିଜ ନିଜର ନିର୍ଣ୍ଣୟ ଓ ନିଷ୍ପତ୍ତି କରିବାକୁ ଚାହୁଁଥିଲା ତେବେ ପ୍ରତ୍ୟେକ ସଂପ୍ରଦାୟ ସ୍ୱାଧୀନ ଏବଂ ସ୍ୱାଧିକାର ମଧ୍ୟ ପ୍ରାପ୍ତ ଥିଲା। ସାମୂହିକ ରୂପେ ଯେତେବେଳେ କୌଣସି ନିଷ୍ପତ୍ତି ନିଆଯାଉଥିଲା ବା ନିର୍ଣ୍ଣୟ କରାଯାଉଥିଲା ତେବେ ସେପରିପ୍ରେକ୍ଷୀରେ ଲୋକମାନେ ଆଁହଜରତ ସ.ଅଙ୍କ ନିକଟକୁ ଆସୁଥିଲେ। ସେହପରି ଯଦି କୌଣସି ସଂପ୍ରଦାୟ ନିଜସ୍ୱ ରୂପେ ନିଷ୍ପତ୍ତି ନେବାକୁ ଚାହୁଁଥିଲେ ତାହା ମଧ୍ୟ ହେଉଥିଲା । ସୁତରାଂ ଏହିପରି ପରିସ୍ଥିତିରେ ଏପରି କେଉଁ ନ୍ୟାୟାଳୟଟି ନ୍ୟାୟାଳୟ ଥିଲା ଯେଉଁଠି କାଆବ୍ ବିରୁଦ୍ଧରେ ମକଦ୍ଦମା ଦାଏର୍ କରି ନିୟମିତ ରୂପେ ସଂହାର ନିମନ୍ତେ ଆଦେଶ ପ୍ରାପ୍ତ କରାଯାଇ ଥାଆନ୍ତା ? କ'ଣ ସେହି ଇହୁଦୀମାୀନଙ୍କ ନିକଟରେ ଅଭିଯୋଗ କରାଯାଇଥାଆନ୍ତା ଯେଉଁ ଧର୍ମାବଲମ୍ବୀଙ୍କର କାଆବ୍ ଅଧିପତି ଥିଲା ଏବଂ ଯିଏ ସ୍ୱୟଂ ମୁସଲମାନମାନଙ୍କ ସହିତ ବିଶ୍ୱାସଘାତକତା ତଥା ବିଦ୍ରୋହ କରିସାରିଥିଲା ? ପ୍ରତ୍ୟେକ ଦିନ ଉପଦ୍ରବ ସୃଷ୍ଟି ହେଉଥିଲା । ତେଣୁ ଉକ୍ତ ପ୍ରଶ୍ନ ହିଁ ସୃଷ୍ଟି ହୋଇପାରିବ ନାହିଁ ଯେ, ଆଁହଜରତ ମାମଲା ବା ମକଦ୍ଦମା ରୁଜୁ କରିବା ପାଇଁ ଇହୁଦୀମାନଙ୍କ ନିକଟକୁ ଯାଇ ଥାଆନ୍ତା । ବନୁ ସୁଲୈମ୍ ଏବଂ ବନୁ ଗତ୍‌ଫାନ ସଂପ୍ରଦାୟଙ୍କ ନିକଟରେ ଫେରାଦ୍ ହୋଇ ନ୍ୟାୟ ଭିକ୍ଷା କରାଯାଇ ଥାଆନ୍ତା । କାରଣ ଉପରୋକ୍ତ ଦୁଇ ସଂପ୍ରଦାୟ ବିଗତ ମାସରେ ତିନି ଚାରି ଥର ମଦିନା ଉପରେ ଚଢଉ କରିବା ନିମନ୍ତେ ପ୍ରସ୍ତୁତି କରି ସାରିଥିଲେ। ଅତଏବ୍ ପ୍ରକାଶ୍ୟ ରୂପେ ସେମାନଙ୍କ ଠାରୁ ମଧ୍ୟ କୌଣସି ନ୍ୟାୟ ପ୍ରାପ୍ତିର ଆଶା କରାଯାଇ ପାରି ନଥାଆନ୍ତା । ସେ ଯାହା ହେଉ ସେତେବେଳର ପରିସ୍ଥିତି ଉପରେ ଯଦି ଦୃଷ୍ଟିପାତ କରାଯାଏ ଏବଂ ବିଚାର କରାଯାଏ ତେବେ ମୁସଲମାନମାନଙ୍କ ନିକଟରେ ଏହା ଛଡ଼ା ଆଉ କୌଣସି ଉପାୟ ନଥିଲା । ଅର୍ଥାତ୍ ଜଣେ ବ୍ୟକ୍ତି ଯେକି ଉପଦ୍ରବ, ହିଂସା, ଯୁଦ୍ଧକୁ ଉସ୍‌କାଉଥିଲା । ଯୁଦ୍ଧ ପାଇଁ ଅହ୍ୱାନ ଦେବା, ଆଁହଜରତ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଷଡ଼ଯନ୍ତ୍ର ରଚିବା ଭଳି ଜଘଣ୍ୟ ଅପରାଧ ଯୋଗୁଁ ଦଣ୍ଡନୀୟ ଥିଲା। ତା'ର ଜୀବନକୁ ଆଁହଜରତ ସ.ଅ ନିଜ ନିମନ୍ତେ ଓ ଦେଶର ଶାନ୍ତିପ୍ରତି ବିପଦ ବୋଲି ମନେକରି ସ୍ୱୟଂକୁ ରକ୍ଷା କରିବାର ବିଚାରଧାରାକୁ ପ୍ରାଧାନ୍ୟ ଦେଇ ଆପଣ ସ.ଅ ସୁଯୋଗ ଦେଖି ତା'ର ସଂହାର କରାଇ ଦେଇଥିଲେ। କାରଣ ଶାନ୍ତିପୂର୍ଣ୍ଣ ନାଗରିକମାନଙ୍କର ପ୍ରାଣ ବିପଦରେ ପଡ଼ିବା ଏବଂ ଦେଶର ଶାନ୍ତି ଓ ସୌହାର୍ଦ୍ଦ୍ୟ ଧ୍ୱଂସ ହେବା ଅପେକ୍ଷା ଜଣେ ଉପଦ୍ରବୀ ବ୍ୟକ୍ତିର ବଧ ଅଧିକ ଶ୍ରେୟସ୍କର ଅଟେ ।

ଅଲ୍ଲାଃତାଲା ମଧ୍ୟ ଏହା ହିଁ କୁହନ୍ତି ଯେ, "اَلْفِتْنَةُ اَشَدُّ مِنَ الْقَتْلِ" **(ଅଲ୍ ବକ୍ରାହ: 192)** ଅର୍ଥାତ୍ ଉପଦ୍ରବ ହତ୍ୟା ଅପେକ୍ଷା ଅଧିକ କ୍ଷତିକାରକ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ପ୍ରବାସ ପରେ ମୁସଲମାନ ଓ ଇହୁଦୀମାନଙ୍କ ମଧ୍ୟରେ ଯେଉଁ ଚୁକ୍ତି ହୋଇଥିଲା ସେହି ଚୁକ୍ତି ଅନୁଯାୟୀ ଆଁହଜରତ ସ.ଅଙ୍କୁ କେବଳ ଜଣେ ସାଧାରଣ ନାଗରିକତ୍ୱ ପ୍ରାପ୍ତ ହୋଇ ନଥିଲା । ବରଂ ଆପଣ ସ.ଅ ଗାଣତାନ୍ତ୍ରିକ ରାଷ୍ଟ୍ରର ସର୍ବୋଚ୍ଚ ନାଗରିକ ଏବଂ ରାଷ୍ଟ୍ରପତ୍ତି ରୂପେ ବିବେଚିତ ହେଉଥିଲେ । ଏହି ଗଣତାନ୍ତ୍ରିକ୍ ବ୍ୟବସ୍ଥା ମଦିନାରେ ସ୍ଥାପିତ ହୋଇଥିଲା । ଆପଣ ସ.ଅଙ୍କୁ ଏହି ଅଧିକାର ପ୍ରଦାନ କରାଯାଇଥିଲା ଯେ, ଆପଣ ସ.ଅ ସକଳ କଳହ, ରାଜନୈତିକି ପ୍ରସଙ୍ଗରେ ଯେଉଁ ଉଚିତ୍ ନିଷ୍ପତ୍ତି ତଥା ନିର୍ଣ୍ଣୟ ବୋଲି ମନେ କରିବେ ତାହା ଆପଣ ପ୍ରଣୟନ କରିଥିଲେ ।

ସୁତରାଂ ଆପଣ ସ.ଅ ଯଦି ଦେଶର ଶାନ୍ତି ହିତରେ କାଆବ୍ ବିନ୍ ଅଶ୍ରଫ୍‌ର ଉପଦ୍ରବ ଯୋଗୁଁ ତା'କୁ ସଂହାର ଯୋଗ୍ୟ ବୋଲି ବିବେଚିତ କରିଥିଲେ ତେବେ ଏହା ଏପରି କୌଣସି କଥା ନଥିଲା । ତେଣୁ 1300 ବର୍ଷ ପରେ ଇସ୍‌ଲାମ୍ ଧର୍ମ ଉପରେ ଆପତ୍ତିକାରୀଙ୍କୁ ଯେଉଁମାନେ ଆଜିକାଲି ନିଜକୁ Orientalists ଅର୍ଥାତ୍ ପ୍ରାଚ୍ୟତତ୍ତ୍ୱବିତ ବୋଲି ମନେ କରନ୍ତି ସେମାନଙ୍କର ଉକ୍ତ ଆପତ୍ତି ଅତ୍ୟନ୍ତ ଜୀର୍ଣ୍ଣମୟ ଆପତ୍ତି ଅଟେ । କାରଣ ସେତେବେଳେ ତ' ଇହୁଦୀମାନେ ଆପଣ ସ.ଅଙ୍କ କଥାକୁ ଶୁଣି ଏହା ଉପରେ କୌଣସି ଅପତ୍ତି କରି ନଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-466 -472ରୁ ଉଦ୍ଧୃତ)**

ଉକ୍ତ ଅବଧି ମଧ୍ୟରେ ହ. ହଫ୍‌ସା ବିନତ୍ ଉମର୍ ର.ଅଙ୍କ ଦ୍ୱିତୀୟ ବିବାହ ମଧ୍ୟ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ହୋଇଥିଲା । ହ.ହଫ୍‌ସା ର.ଅ ହ. ଉମର୍ ର.ଅଙ୍କ ସୁପୁତ୍ରୀ ଥିଲେ ଏବଂ ଆଁହଜରତ ସ.ଅଙ୍କ ସହିତ ତାଙ୍କର ବିବାହ ସଂପର୍କରେ ଯେଉଁ ଚର୍ଚ୍ଚା ମିଳେ ତାହାର ବିସ୍ତୃତ ବିବରଣୀ ଏହିପରି ଅଟେ ଯେ, ହ. ହଫ୍‌ସା ର.ଅଙ୍କ ସ୍ୱାମୀ ବଦର୍ ଯୁଦ୍ଧରେ ସାମିଲ୍ ହେଲେ ଏବଂ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ମସୟରେ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ । ତେବେ ପରବର୍ତ୍ତୀ ସମୟରେ ଆଁହଜରତ ସ.ଅ ହ. ହଫ୍‌ସା ର.ଅଙ୍କୁ ବିବାହ କରିଥିଲେ । ଏହାର ବିସ୍ତୃତ ବିବରଣୀ ବୁଖାରୀରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କଲେ ଯେ, ହ. ହଫ୍‌ସା ବିନ୍ତ୍ ଉମର୍ ର.ଅ ଖୁନୈସ୍ ବିନ୍ ହୁଜାଫା ସହ୍‌ମି ର.ଅଙ୍କ ପତ୍ନୀ (ହଫ୍‌ସା) ବିଧବା ହେଲେ। ଖୁନୈସ୍ ବିନ୍ ହୁଜାଫା ଆଁହଜରତ ସ.ଅଙ୍କ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ସାହାବା ଥିଲେ ଏବଂ ସେ ବଦର୍ ଯୁଦ୍ଧର ସାମିଲ୍ ହୋଇଥିଲେ । ସେ ମଦିନାରେ ମୃତ୍ୟୁବରଣ କରିଥିଲେ । ବର୍ଣ୍ଣନାରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ହ. ଉମର୍ ର.ଅ କହିଲେ, ମୁଁ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କୁ ସାକ୍ଷାତ୍ କେଲି । ତାଙ୍କ ନିକଟରେ ହଫ୍‌ସାଙ୍କ ଚର୍ଚ୍ଚା କଲି ଏବଂ କହିଲି, ଯଦି ଆପଣ ଚାହାନ୍ତି ତେବେ ହଫ୍‌ସା ବିନ୍ତ୍ ଉମର୍ ର.ଅଙ୍କ ନିକାହ୍ (ବିବାହ) ଆପଣ ର.ଅଙ୍କ ସହିତ କରିଦେବି । ହ. ଉସ୍‌ମାନ୍ ର.ଅ କହିଲେ, ମୁଁ ନିଜର ଉକ୍ତ ପ୍ରସଙ୍ଗରେ ବିଚାର କରିବି । ହ. ଉମର୍ ର.ଅ କୁହନ୍ତି, ମୁଁ ଅନେକ ଦିନ ପର୍ଯ୍ୟନ୍ତ ଘରେ ରହି ଉକ୍ତ ପ୍ରସଙ୍ଗ ଉପରେ ବାଚାର କଲି । ପୁନଶ୍ଚ ହ. ଉସ୍‌ମାନ୍ ର.ଅ କିଛି ଦିନ ପରେ କହିଲେ, ମୋତେ ଏହା ଉଚିତ୍ ବୋଲି ମନେ ହେଉଛି ଯେ, ମୁଁ ହଫ୍‌ସାଙ୍କୁ ବିବାହ କରିବି ନାହିଁ । ହ. ଉମର୍ ର.ଅ କହୁଥିଲେ ଯେ, ଏହାପରେ ମୁଁ ହ. ଅବୁ ବକ୍କର ର.ଅଙ୍କୁ ସାକ୍ଷାତ୍ କଲି ଏବଂ ତାଙ୍କୁ କହିଲି, ହେ ଅବୁ ବକ୍କର! ଆପଣ ର.ଅ ଯଦି ଚାହାନ୍ତି ତେବେ ମୁଁ ହଫ୍‌ସା ବିନ୍ତ୍ ଉମର୍ ର.ଅଙ୍କ ନିକାହ୍ ଆପଣ ର.ଅଙ୍କ ସହିତ କରିଦେବି । ହ. ଅବୁ ବକ୍କର୍ ର.ଅ ନିରବ ହୋଇଗଲେ ଏବଂ ମୋତେ କୌଣସି ଉତ୍ତର ଦେଲେ ନାହିଁ । ହ. ଉମର୍ ର.ଅ କୁହନ୍ତି, ଉସ୍‌ମାନ୍ ର.ଅଙ୍କ ସଂକ୍ରାନ୍ତରେ ମୁଁ ତାଙ୍କ ଠାରୁ ଏହା ଅନୁଭବ କଲି ଅର୍ଥାତ୍ ମୋତେ ଏହା ଅଧିକ ଆଭାସ ହେଲା ଯେ, ସେ ମଧ୍ୟ ଅସ୍ୱୀକାର କରିଦେବେ। ତେଣୁ ମୁଁ କିଛି ଦିନ ଅପେକ୍ଷା କଲି । ରସୁଲୁଲ୍ଲାଃ ସ.ଅ ହ. ହଫ୍‌ସା ର.ଅଙ୍କୁ ନିକାହ୍ କରିବାର ସନ୍ଦେଶ ପ୍ରେରଣ କଲେ ଏବଂ ମୁଁ ଆପଣ ସ.ଅଙ୍କ ସହିତ ହଫ୍‌ସାର ନିକାହ୍ କରିଦେଲି ।

**(ସହିହୁଲ୍ ବୁଖାରୀ, ବାବ୍- କିତାବୁଲ୍ ମୁଗାଜି, ହଦିସ୍ ନଂ-4005)**

ଉକ୍ତ ଘଟଣାଟି ସିରତ୍ ଖାତମୁନ୍ ନବୀୟିନ୍‌ରେ ଏହିପରି ଉଲ୍ଲିଖିତ ହୋଇଛି ଯେ, "ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ଏକ କନ୍ୟା ସନ୍ତାନ ଥିଲା ଯାହାଙ୍କ ନାମ ହଫ୍‌ସା ଥିଲା । ସେ ଖୁନୈସ ବିନ୍ ହୁଜାଫାଙ୍କୁ ବିବାହ କରିଥିଲେ । ଖୁନୈସ୍ ବିନ୍ ହୁଜାଫା ଜଣେ ନୈଷ୍ଠିକ ସାହାବି ଥିଲେ ଏବଂ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ବଦର୍ ଯୁଦ୍ଧ ପରେ ସେ ମଦିନାକୁ ଫେରି ଆସିବା ପରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ ଏବଂ ଉକ୍ତ ଅସୁସ୍ଥତାରୁ ଆପଣ ଆଉ ସୁସ୍ଥ ଏବଂ ଆରୋଗ୍ୟ ଲାଭ ହୋଇପାରି ନଥିଲେ। ଫଳତଃ ତାଙ୍କର ଅକାଳ ବିୟୋଗ ହୋଇଥିଲା । ତାଙ୍କ ବିୟୋଗର କିଛି କାଳ ପରେ ହ. ଉମର୍ ର.ଅ ହଫ୍‌ସା ର.ଅଙ୍କ ଦ୍ୱିତୀୟ ବିବାହ ପ୍ରସଙ୍ଗ ପ୍ରତି ଚିନ୍ତା ଘାରିଲା । ସେତେବେଳେ ହଫ୍‌ସା ର.ଅଙ୍କ ବୟସ 20 ବର୍ଷରୁ ଉର୍ଦ୍ଧ୍ୱ ଥିଲା। ହ. ଉମର୍ ର.ଅ ନିଜର ସ୍ୱଭାବରେ ଥିବା ସରଳପଣିଆରେ ସ୍ୱୟଂ ଉସ୍‌ମାନ୍ ବିନ୍ ଅଫ୍ଫାନ୍‌ଙ୍କ ସହିତ ସାକ୍ଷାତ କରି ତାଙ୍କ ସମ୍ମୁଖରେ ଚର୍ଚ୍ଚା କଲେ ଯେ, ତାଙ୍କର କନ୍ୟା ହଫ୍‌ସା ବର୍ତ୍ତମାନ ବିଧବା ଅଟେ । ଆପଣ ର.ଅ ଯଦି ଏହା ପସନ୍ଦ କରନ୍ତି ତେବେ ତା' ସହିତ ନିକାହ୍ କରି ନିଅନ୍ତୁ । କିନ୍ତୁ ହ. ଉମର୍ ର.ଅ ଉକ୍ତ କଥାକୁ ପ୍ରତ୍ୟାଖ୍ୟାନ ଏବଂ ଅଗ୍ରାହ୍ୟ କରିଦେଲେ । ଏତଦ୍‌ପରେ ହ. ଉମର୍ ର.ଅ ହ. ଅବୁ ବକ୍କର ର.ଅଙ୍କ ସମ୍ମୁଖରେ ଉକ୍ତ କଥାର ଚର୍ଚ୍ଚା କଲେ । କିନ୍ତୁ ହ. ଅବୁ ବକ୍କର ର.ଅ ମଧ୍ୟ ନିରବତା ଅବଲମ୍ବନ କଲେ ଏବଂ କୌଣସି ଉତ୍ତର ଦେଲେ ନାହିଁ । ଫଳତଃ ହ. ଉମର୍ ର.ଅଙ୍କୁ ବହୁତ ଦୁଃଖ ଅନୁଭୂତ ହେଲା ଏବଂ ସେ ସେହି ଦୁଃଖ ଅବସ୍ଥାରେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ଆପଣ ସ.ଅଙ୍କ ସମ୍ମୁଖରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ । ଆପଣ ସ.ଅ କହିଲେ, ହେ ଉମର୍ ! ଆପଣ କିଛି ଚିନ୍ତା କରନ୍ତୁ ନାହିଁ । ଅଲ୍ଲାଃତାଲାଙ୍କୁ ଯଦି ଉକ୍ତ କଥା ପସନ୍ଦ ହୁଏ ତେବେ ସେ ହଫ୍‌ସା ର.ଅଙ୍କୁ ଉସମାନ୍ ଏବଂ ଅବୁ ବକ୍କର୍ ର.ଅଙ୍କ ଅପେକ୍ଷା ଉତ୍ତମ ସ୍ୱାମୀ ଏବଂ ଉତ୍ତମ ବର ପ୍ରଦାନ କରିଦେବେ ଓ ଉସମାନ୍‌ଙ୍କୁ ହଫ୍‌ସାଙ୍କ ଅପେକ୍ଷା ଉତ୍ତମ ପତ୍ନି ପ୍ରାପ୍ତ ହେବ ।"

ଆପଣ ସ.ଅ ଉକ୍ତ କଥା ଏଇଥିପାଇଁ କହିଲେ ଯେ, ଆପଣ ସ.ଅଙ୍କ ସହିତ ହଫ୍‌ସା ର.ଅଙ୍କ ସହିତ ବିବାହ କରିନେବା ଓ ନିଜର ସୁପୁତ୍ରୀ ଉମ୍ମେ କୁଲ୍‌ସୁମଙ୍କୁ ହ. ଉସ୍‌ମାନ୍ ର.ଅଙ୍କ ସହିତ ବିବାହ କରିଦେବା ବୋଲି ସ୍ଥିର କରିସାରିଥିଲେ। ଏହାର ସୂଚନା ହ. ଅବୁ ବକ୍କର ର.ଅ ଓ ହ. ଉସ୍‌ମାନ୍ ର.ଅ ଉଭୟଙ୍କୁ ମିଳି ସାରିଥିଲା। ସେଇଥି ପାଇଁ  ସେମାନେ ହ. ଉମର୍ ର.ଅଙ୍କ ପ୍ରସ୍ତାବକୁ ଅସ୍ୱୀକାର କରି ଦେଇଥିଲେ। ଏହାର କିଛି କାଳ ପରେ ଆଁହଜରତ ସ.ଅ ହ. ଉସମାନ୍ ର.ଅଙ୍କ ସହିତ ନିଜର କନ୍ୟା ଉମ୍ମେ କୁଲ୍‌ସୁମ୍‌ଙ୍କ ବିବାହ କରିଦେଲେ.........ଓ ଏହାପରେ ଆପଣ ସ.ଅ ସ୍ୱୟଂ ନିଜ ଆଡୁ ହ. ଉମର୍ ର.ଅଙ୍କୁ ହଫ୍‌ସାଙ୍କ ନିମନ୍ତେ ସନ୍ଦେଶ ପ୍ରେରଣ କଲେ । ହ. ଉମର୍ ର.ଅଙ୍କୁ ଏହାଠୁ ଅଧିକ ଆଉ କ'ଣ ଆବଶ୍ୟକ ଥାଆନ୍ତା। ସେ  ଅତ୍ୟନ୍ତ ଆନନ୍ଦ ସହକାରେ ଉକ୍ତ ପ୍ରସ୍ତାବକୁ ସ୍ୱୀକାର କଲେ ଏବଂ ଶାବାନ୍ ମାସ 3 ହିଜ୍ରୀରେ ହ. ହଫ୍‌ସା ର.ଅ ଆଁହଜରତ ସ.ଅଙ୍କୁ ନିକାହ୍ କରି ଆଁହଜରତ ସ.ଅଙ୍କ ପତ୍ନିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଗଲେ । ଯେତେବେଳେ ଉକ୍ତ ନିର୍ବନ୍ଧଟି ହୋଇଗଲା ସେତେବେଳେ ହ. ଅବୁ ବକ୍କର ର.ଅ ହ. ଉମର୍ ର.ଅଙ୍କୁ କହିଲେ ଯେ, ହେ ଉମର୍ ! ସମ୍ଭବତଃ ଆପଣ ର.ଅଙ୍କ ମନରେ ମୋ ତରଫରୁ କୌଣସି ଅବଶୋଷ ରହିଯାଇଥିବ । ପ୍ରକୃତ କଥାଟି ଏହିପରି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ଇଚ୍ଛା ସଂପର୍କରେ ଅବଗତ ଥିଲି । କିନ୍ତୁ ମୁଁ ଆପଣ ସ.ଅଙ୍କ ଅନୁମତି ବ୍ୟତୀରେକ ଆପଣ ସ.ଅଙ୍କ ସମ୍ମୁଖରେ ଉକ୍ତ ରହସ୍ୟକୁ ପ୍ରକାଶ କରିବାକୁ ସକ୍ଷମ ନଥିଲି । ହଁ ଯଦି ଆପଣ ସ.ଅଙ୍କ ଉକ୍ତ ଇଚ୍ଛା ଯଦି ନହୋଇ ଥାଆନ୍ତା ତେବେ ମୁଁ ଅତ୍ୟନ୍ତ ଆନନ୍ଦ ସହକାରେ ହଫ୍‌ସାଙ୍କ  ସହିତ ବିବାହ କରିନେଇ ଥାଆନ୍ତି ।

ହଫ୍‌ସାଙ୍କ ନିକାହ୍‌ରେ ଏକ ବିଶେଷତ୍ୱ ଏହା ରହିଥିଲା କି ସେ ହ. ଉମର୍ ର.ଅଙ୍କ ସୁପୁତ୍ରୀ ଥିଲେ । ଅର୍ଥାତ୍ ସେ ଅର୍ଥାତ୍ ହ. ଉମର୍ ର.ଅ ହ. ଅବୁ ବକ୍କର ର.ଅଙ୍କ ପରେ ସମସ୍ତ ସାହାବାମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବୋଲି ବିବେଚିତ ହେଉଥିଲେ। ଆଁହଜରତ ସ.ଅଙ୍କ ବିଶେଷ ବା ଅତି ନିକଟବର୍ତ୍ତୀଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଅତଃ ପାରସ୍ପାରିକ ସଂପର୍କକୁ ଅଧିକ ସୁଦୃଢ କରିବା ଏବଂ ହ. ଉମର୍ ର.ଅ ଓ ହଫ୍‌ସା ର.ଅଙ୍କ ସେହି ଦୁଃଖକୁ ଲାଘବ କରିବା ସକାଶେ ଅର୍ଥାତ୍ ହଫ୍‌ସାଙ୍କ ସ୍ୱାମୀ ଖୁନୈସ୍ ବିନ ହୁଜାଫାଙ୍କ ଅକାଳ ବିୟୋଗ ହଫ୍‌ସା ର.ଅଙ୍କୁ ଅତ୍ୟନ୍ତ ମର୍ମାହତ କରି ପକାଇଥିଲା । ତେଣୁ ଉକ୍ତ ଦୁଃଖକୁ ଦୂରୀଭୂତ କରିବା ନିମନ୍ତେ ଆଁହଜରତ ସ.ଅ ଏହା ଉଚିତ୍ ବୋଲି ମନେକଲେ ଯେ, ଆପଣ ସ.ଅ ସ୍ୱୟଂ ହଫ୍‌ସାଙ୍କୁ ବିବାହ କରିବେ । ଦ୍ୱିତୀୟ  ରହସ୍ୟ ଏହା ରହିଥିଲା ଯେ, ଆଁହଜରତ ସ.ଅ ଏହା ଉଚିତ୍ ବୋଲି ମନେକଲେ ଯେ, ଆପଣ  ସ୍ୱୟଂ ହଫ୍‌ସାଙ୍କୁ ବିବାହ କରିନେବେ। ଆପଣ ସ.ଅଙ୍କର ଏହି ଉଦ୍ଦେଶ୍ୟ ରହିଥିଲା ଯେ, ଆପଣ ସ.ଅଙ୍କର ଯେତେ ଅଧିକ ପତ୍ନି  ହେବେ ସେତେ ଅଧିକ ମହିଳାମାନଙ୍କ ମଧ୍ୟରେ  ମାନବ ଜାତିର ପକ୍ଷ ଏବଂ କେତେକ ଦୃଷ୍ଟିରୁ ଅର୍ଦ୍ଧ ପତ୍ନିମାନେ ରହିଛନ୍ତି ସେମାନେ ଈଶ୍ୱରଙ୍କ ଆଡ଼କୁ ମହିଳାମାନଙ୍କୁ ଆମନ୍ତ୍ରିତ କରିବେ, ପ୍ରଚାର, ଶିକ୍ଷା ଓ ସଂସ୍କାରର କାର୍ଯ୍ୟକୁ ବ୍ୟାପକ ସ୍ତରରେ ଅଧିକ ସହଜ ଓ ସରଳ ଉପାୟରେ ସମ୍ପାଦନ କରିବେ। **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-477-478ରୁ ଉଦ୍ଧୃତ)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ଅତିରିକ୍ତ ଚର୍ଚ୍ଚା କରି କୁହନ୍ତି ଯେ, ବିବାହ ସମୟରେ ହ. ହଫ୍‌ସା ର.ଅଙ୍କୁ ପ୍ରାୟ 21 ବର୍ଷ ବୟସ ହୋଇଥିଲା । ଏହି କାରଣରୁ ହ. ଆଏଶା ର.ଅଙ୍କ ପରେ ସେ ସାହାବାମାନଙ୍କ ମଧ୍ୟରେ ଜଣେ ଶ୍ରେଷ୍ଠ ବ୍ୟକ୍ତିଙ୍କ ସୁପୁତ୍ରୀ ଥିଲେ । ଆଁହଜରତ ସ.ଅଙ୍କ ପବିତ୍ର ପତ୍ନିମାନଙ୍କ ମଧ୍ୟରେ  ହ. ହଫସା ର.ଅଙ୍କ ମର୍ଯ୍ୟାଦା ଅନନ୍ୟ ଓ ସ୍ୱତନ୍ତ୍ର ଥିଲା । ହ. ଆଏଶା ର.ଅଙ୍କ ସହିତ ତାଙ୍କର ସାମଞ୍ଜସ୍ୟତା ରହିଥିଲା, ତାଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରହିଥିଲା । ବେଳେବେଳେ ସଂପର୍କରେ ଏପରି ମନୋମାଳିନ୍ୟ ହୋଇଯାଇଥାଏ । କିନ୍ତୁ ଏସବୁ ସତ୍ତ୍ୱେ ଦୁହେଁ ପରସ୍ପରକୁ ଭଲ ପାଉଥିଲ ଏବଂ ପ୍ରେମର ସହିତ ରହୁଥିଲେ । ହ. ହଫ୍‌ସା ର.ଅ ଲେଖାପଢ଼ା ଜାଣିଥିଲେ । ସୁତରାଂ ହଦିସ୍‌ର ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ହଫ୍‌ସା ର.ଅ ଶଫା ବିନ୍ତ୍ ଅବ୍‌ଦୁଲ୍ଲାଃ ର.ଅ ନାମକ ଜଣେ ସାହାବିଙ୍କ ପତ୍ନୀଙ୍କ ଠାରୁ ଲେଖାଲେଖି ଶିଖିଥିଲେ । ତାଙ୍କର ବିୟୋଗ 45 ହିଜ୍ରୀରେ ହୋଇଥିଲା । ଅପରପକ୍ଷେ ହ. ଉମର୍ ର.ଅଙ୍କ ବୟସ 63 ବର୍ଷ ବୟସ ଥିଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-480ରୁ ଉଦ୍ଧୃତ)**

ଉକ୍ତ ସମୟକାଳ ମଧ୍ୟରେ ହ. ଇମାମ୍ ହସନ୍ ର.ଅଙ୍କ ଜନ୍ମଗ୍ରହଣ କରିବା ଘଟଣା ମଧ୍ୟ ହୋଇଥିଲା । ହ. ଇମାମ୍ ହସନ୍ ବିନ୍ ଅଲୀ ବିନ୍ ଅବୁ ତାଲିବ୍ ରମ୍‌ଜାନ୍ ମାସର ମଧ୍ୟ ଭାଗରେ 3 ହିଜ୍ରୀରେ ଜନ୍ମ ଗ୍ରହଣ କିରଥିଲେ । କେତେକ ଲୋକମାନେ କୁହନ୍ତି ଯେ, ହ. ଇମାମ୍ ହସନ୍ ଶାବାନ୍ ମାସ 3 ହିଜ୍ରୀରେ ହୋଇଥିଲା । ଆଉ କେତେକ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଲୋକମାନେ କୁହନ୍ତି ଯେ, ହ. ଇମାମ୍ ହସନ୍ ର.ଅ ଓହୋଦ୍ ଯୁଦ୍ଧର ଏକ ବର୍ଷ ଅବା ଦୁଇ ବର୍ଷ ପରେ ଜନ୍ମ ଗ୍ରହଣ କରିଥିଲେ । ବୁଖାରୀ ଗ୍ରନ୍ଥର ବ୍ୟାଖ୍ୟାକାର ଅଲ୍ଲାମା ଇବ୍‌ନେ ହଜର୍ ଅସ୍କଲାନୀ କୁହନ୍ତି, ପ୍ରଥମ ମତଟି ଅଧିକ ଯୁକ୍ତିଯୁକ୍ତ ଓ ଅଟଳ ତଥା ସିଦ୍ଧ ଅଟେ । ହ. ଅଲୀ ର.ଅ ଇମାମ୍ ହସନ୍‌ଙ୍କ ନାମ ହରବ୍ ନାମକରଣ କରିଥିଲେ। କିନ୍ତୁ ଉକ୍ତ ନାମକୁ ପରିବର୍ତ୍ତନ କରି ରସୁଲୁଲ୍ଲାଃ ସ.ଅ ହସନ୍ କରିଦେଲେ । ଜନ୍ମର ସପ୍ତମ ଦିନରେ ଆପଣ ସ.ଅ ତାଙ୍କର ଅକିକା କରିଥିଲେ ଏବଂ ତାଙ୍କର କେଶ ମୁଣ୍ଡନ କଲେ । ଆପଣ ସ.ଅ ଏହି ଆଦେଶ ଦେଲେ ଯେ, ହସନ୍‌ଙ୍କ କେଶ ତୁଲ୍ୟ ରୂପା ଦାନ କରିଦିଅ । ଉମ୍ମେ ଫଜଲ୍ ଏକଦା କହିଲେ, ହେ ଅଲ୍ଲାଃଙ୍କା ବାର୍ତ୍ତାବହ ସ.ଅ ! ଆପଣ ସ.ଅଙ୍କର ଗୋଟିଏ ବାହୁ ମୋ ଘରେ ରହିଛି ଅବା ସେ ଏହିପରି କହିଲେ, ଯେ, ଆପଣ ସ.ଅଙ୍କ ବାହୁ ତାଙ୍କର ଏକ କୋଠରୀ ମଧ୍ୟରେ ରହିଛି । ଆଁହଜରତ ସ.ଅ କହିଲେ, ହେ ଉମ୍ମେ ଫଜଲ୍ ! ତୁମେ ଉତ୍ତମ ସ୍ୱପ୍ନ ଦେଖିଛ । ଫାତିମା ର.ଅଙ୍କ ଗର୍ଭରୁ ଏକ ସନ୍ତାନ ଜନ୍ମ ନେବ, ସେହି ସନ୍ତାନର ତୁମେ ଯତ୍ନ ନେବ । ତୁମେ ସେହି ସନ୍ତାନକୁ କୁସମ୍ (ନାମ) ସହିତ ଦୁଗ୍ଧ ପାନ କରାଇବ । ଉମ୍ମେ ଫଜଲ୍ ରସୁଲୁଲ୍ଲାଃ ସ.ଅଙ୍କ ଚଚା ହ. ଅବ୍‌ବାସ୍ ର.ଅଙ୍କ ପତ୍ନି ଥିଲେ ଏବଂ କୁସମ୍‌ନ୍ ତାଙ୍କ ସୁପୁତ୍ରର ନାମ ଥିଲା । ସୁତରାଂ ହ. ଇମାମ୍ ହସନ୍ ର.ଅ ଜନ୍ମଗ୍ରହଣ କଲେ ଓ ଉମ୍ମେ ଫଜଲ୍ ଇମାମ୍ ହସନ୍ ର.ଅଙ୍କୁ କୁସମ୍ ସହିତ କ୍ଷୀର ପାନ କରାଇଥିଲେ ।

ହ. ହସନ୍ ବିନ୍ ଅଲୀ ର.ଅଙ୍କୁ କୁହାଗଲା କି ହେ ହସନ୍ ! ଆପଣ ର.ଅଙ୍କୁ ଆଁହଜରତ ସ.ଅଙ୍କ କିଛି କଥା ସ୍ମରଣ ଅଛି କି ? ଦୟା କରି ଆପଣ ଟିକିଏ ବର୍ଣ୍ଣନା କରିଦିଅନ୍ତୁ । ସେ କହିଲେ, ମୋତେ ରସୁଲୁଲ୍ଲାଃ ସ.ଅଙ୍କ ଗୋଟିଏ କଥା ସ୍ମରଣ ରହିଛି । ଏକଦା ମୁଁ ଯେତେବେଳେ ଛୋଟ ପିଲା ଥିଲି ସେତେବେଳେ ସଦ୍‌କାର କିଛି ଖଜୁରୀ ଆମ ଘରକୁ ଆସିଲା, ମୁଁ ସେହି ଖଜୁରୀ କୋଳି ମଧ୍ୟରୁ କିଛି ଖଜୁରୀ ନିଜ ପାଟିରେ ପକାଇ ଦେଲି । ଏହା ଦେଖି ଆଁହଜରତ ସ.ଅ ମୋ ପାଖକୁ ଦଉଡ଼ି ଆସି ମୋ ପାଟିରୁ ସେହି କୋଳି କାଢି ଦେଲେ । ଅର୍ଥାତ୍ ସେହି କୋଳିକୁ ମୁଁ ଚୋବେଇ ସାରିଥିଲି ଏବଂ ମୋର ଲାଳ ଉକ୍ତ ଖଜୁରୀ କୋଳିରେ ମିଶି ଯାଇଥିଲା। ଉକ୍ତ ସଦ୍‌କାର ଖଜୁରୀ କୋଳିରେ ମୋର ଲାଳ ମିଶି ଯାଇଥିଲା । କେହି ଜଣେ ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଗୋଟିଏ ଖଜୁରୀ ଖାଇ ଦେଇଛି ପିଲାଟି। କ'ଣ ହୋଇଗଲା ସେଇଠୁ ? କିଛି ସମସ୍ୟା ଓ ଅସୁବିଧା ତ' ହୋଇ ନାହିଁ। ଆପଣ ସ.ଅ କହିଲେ, ଆମ ପାଇଁ ଅର୍ଥାତ୍ ମୁହମ୍ମଦ ମୁସ୍ତଫା ସ.ଅଙ୍କ ବଂଶଜ ଏବଂ ପରିବାରବର୍ଗଙ୍କ ନିମନ୍ତେ ସଦ୍‌କା ବୈଧ ନୁହେଁ ବର୍ଜିତ ଅଟେ । ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ ହ. ହସନ୍ ର.ଅଙ୍କ ସହିତ ଅଧିକ ସାଦୃଶ୍ୟତା ଥିବା କୌଣସି ବ୍ୟକ୍ତି ନଥିଲା । ଅର୍ଥାତ୍ ହ. ହସନ୍ ର.ଅ ଆଁହଜରତ ସ.ଅଙ୍କ ପରି ଦେଖାଯାଉଥିଲେ । ଏକଦା ଆଁହଜରତ ସ.ଅ ହ. ହସନ୍ ର.ଅଙ୍କୁ ନିଜ କାନ୍ଧ ଉପରେ ଆରୋହଣ କରିଥିଲେ । କେହି ଜଣେ କହିଲା, ହେ ଅଲୀଙ୍କ ପୁତ୍ର ! ତୁମେ କେଡ଼େ ଭଲ ସବାରୀ (ଆଁଜରତ ସ.ଅ) ଉପରେ ଆରୋହଣ ହୋଇଛ । ନବୀ କରୀମ୍ ସ.ଅ କହିଲେ, ଖାଲି ସବାରୀ କାହିଁକି ଆରୋହଣ ହୋଇଥିବା ବ୍ୟକ୍ତି ମଧ୍ୟ ଖୁବ ଭଲ ଅଟେ । ଅର୍ଥାତ୍ ଆପଣ ସ.ଅ ନିଜର ନାତିମାନଙ୍କୁ ବହୁତ ଗେହ୍ଲା ଏବଂ ପ୍ରେମ କରୁଥିଲେ ।

ହ. ବରା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ଦେଖିଲି, ଆପଣ ସ.ଅ ହସନ୍ ବିନ୍ ଅଲୀ ର.ଅଙ୍କୁ ନିଜର କାନ୍ଧ ଉପରେ ବସାଇଥିଲେ । ଆପଣ ସ.ଅ ଏହା କହି ଯାଉଥିଲେ ଯେ, ହେ ଅଲ୍ଲାଃ ! ମୁଁ ଏହି ବାଳକ (ହ. ହସନ୍ ର.ଅ) ଟିକୁ ନିଜର ବନ୍ଧୁ ରୂପେ ବରଣ କରୁଛୁ ତୁମେ ମଧ୍ୟ ଏହି ବାଳକଟିକୁ ବନ୍ଧୁ ରୂପେ ଗ୍ରହଣ କରିନିଅ । କେତେକ ବର୍ଣ୍ଣନାରେ ଉକ୍ତ କଥାର ମଧ୍ୟ ଚର୍ଚ୍ଚା ମିଳେ ଯେ, ହ. ଇମାମ୍ ହସନ୍ ର.ଅଙ୍କ ବିୟୋଗ ବିଷ ଦ୍ୱାରା ହୋଇଥିଲା । **(ଅଲ୍ ଇସାବା, ଭାଗ1, ପୃ-492, ଅଲ୍ ହସନ୍ ବିନ୍ ଅଲୀ, ଦାରୁଲ୍ ଫିକର୍ ବୈରୁତ୍, 2001 ମସିହା) (ଉସ୍‌ଦୁଲ୍ ଗାବା, ଭାଗ-2, ପୃ-13-16, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ସେ ଯାହା ହେଉ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ହ. ଇମାମ୍ ହସନ୍ ର.ଅ.ଙ୍କ ଜନ୍ମ ଗ୍ରହଣର ଚର୍ଚ୍ଚା କରି ବର୍ଣ୍ଣନା କରନ୍ତି: "2 ହିଜ୍ରୀର ଘଟଣାରେ ହ. ଅଲୀ ର.ଅ ଓ ହ. ଫାତିମା ର.ଅଙ୍କ ନିକାହର ଚର୍ଚ୍ଚା କରିଛନ୍ତି । 2 ହିଜ୍ରୀର ଘଟଣାରେ ହ. ଅଲୀ ର.ଅ ଓ ହ. ଫାତିମା ର.ଅଙ୍କ ନିକାହର ଚର୍ଚ୍ଚା ଅତିକ୍ରାନ୍ତ ହୋଇସାରିଛି । ତାଙ୍କ ମତରେ ରମ୍‌ଜାନ ମାସ 3 ହିଜ୍ରୀରେ ଅର୍ଥାତ୍ ନିକାହର ପ୍ରାୟ 10 ମାସ ପରେ ଏକ ସନ୍ତାନ ଜନ୍ମ ଗ୍ରହଣ ହେଲା ଯାହାର ନାମ ଆଁହଜରତ ସ.ଅ ହସନ୍ ରଖିଥିଲେ । ଏ ହେଉଛନ୍ତି ସେହି ହସନ୍ ଯିଏ ପରବର୍ତ୍ତୀ ସମୟରେ ମୁସଲମାନମାନଙ୍କ ମଧ୍ୟରେ ଇମାମ୍ ହସନ୍ ରହେମତୁଲ୍ଲାଃ ଅଲୈହ୍ ନାମରେ ଖ୍ୟାତ ଏବଂ ଉପାଧିତ ହେଲେ । ହସନ୍ ର.ଅ ନିଜର ମୁଖମଣ୍ଡଳ ଗଠନରେ ଆଁହଜରତ ସ.ଅଙ୍କ ସହିତ ସାମଞ୍ଜସ୍ୟତା ରଖୁଥିଲେ । ଅର୍ଥାତ୍ ଆଁହଜରତ ସ.ଅଙ୍କ ପରି ଦୃଶ୍ୟମାନ ହେଉଥିଲେ । ଆଁହଜରତ ସ.ଅ ଯେପରି ନିଜର ସନ୍ତାନ ହ. ଫାତିମା ର.ଅଙ୍କୁ ଭଲ ପାଉଥିଲେ ଠିକ୍ ସେହିପରି ନିଜ କନ୍ୟାର ସୁପୁତ୍ର ତଥା ନାତି ହ. ହସନ୍‌ଙ୍କୁ ମଧ୍ୟ ଭଲ ପାଉଥିଲେ । ଅନେକ ଥର ଆପଣ ସ.ଅ କହୁଥିଲେ ଯେ, ହେ ଈଶ୍ୱର ! ମୁଁ ଏହି ପିଲାମାନଙ୍କୁ (ନାତି ଦ୍ୱୟ) ଭଲ ପାଉଛି ତୁମେ ମଧ୍ୟ ମୋର ନାତିମାନଙ୍କୁ ଭଲ ପାଅ । ସେହିପରି ଏହି ସନ୍ତାନ ବା ପିଲାମାନଙ୍କୁ ଯିଏ ଭଲ ପାଇବ ତୁମେ ମଧ୍ୟ ସେମାନଙ୍କୁ ଭଲ ପାଅ । "ଅନେକ ଥର ଏପରି ହୋଇଛି ଯେ, ଆପଣ ସ.ଅ ନମାଜ ଅବସ୍ଥାରେ ହେଉଥିଲେ ଓ ହସନ୍ ର.ଅ ଆପଣ ସ.ଅଙ୍କୁ କୁଣ୍ଢାଇ ପକାଉଥିଲେ । ଆପଣ ସ.ଅ ରୁକୁ ଅବସ୍ଥାରେ ଯେତେବେଳେ ଯାଉଥିଲେ ସେତେବେଳେ ହ. ହସନ୍ ର.ଅ ଆପଣ ସ.ଅଙ୍କ ଗୋଡ଼ ମଝିରୁ ରାସ୍ତା ତିଆରି କରି ବାହାରି ଯାଉଥିଲେ । ବେଳେବେଳେ ସାହାବାମାନେ ଯେତେବେଳେ ହ. ହସନ୍ ର.ଅଙ୍କୁ ଅଟକାଇବା ପାଇଁ ଚେଷ୍ଟା କରୁଥିଲେ ସେତେବେଳେ ଆପଣ ସ.ଅ ସାହାବାମାନଙ୍କୁ ବାରଣ କରିଦେଉଥିଲେ। ଆପଣ ସ.ଅ କହୁଥିଲେ, ଆରେ ରୁହ ରୁହ ପିଲାଟାକୁ ଅଟକାଅ ନାହିଁ । ପିଲାଟା ଖେଳୁଛି ଖେଳୁ । ବାସ୍ତବରେ ହ. ହସନ୍ ର.ଅଙ୍କ ଆଁହଜରତ ସ.ଅଙ୍କୁ କୁଣ୍ଢାଇବା ଆପଣ ସ.ଅଙ୍କ ଧ୍ୟାନକୁ ଭଙ୍ଗ କରୁ ନଥିଲା । ତେଣୁ ଆପଣ ସ.ଅ ହ. ହସନ୍ ର.ଅଙ୍କ ନିରୀହ ବାଳୁତ ପ୍ରେମର ପିରପ୍ରକାଶ ଦ୍ୱାରା ବ୍ୟଥିତ ହେବାକୁ ଚାହୁଁ ନଥିଲେ । ଇମାମ୍ ହସନ୍ ର.ଅଙ୍କ ସଂକ୍ରାନ୍ତରେ ଏକଦା ଆପଣ ସ.ଅ କହିଲେ, ମୋର ଏହି ବାଳକଟି ସୟେଦ୍ ଅର୍ଥାତ୍ ସର୍ଦ୍ଦାର (ଅଧିପତି) ଅଟେ । ଦିନେ ଆସିବ ଈଶ୍ୱରଙ୍କ ମାଧ୍ୟମରେ ମୁସଲମାନମାନଙ୍କର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଏହି ବାଳକ ସନ୍ଧି ସ୍ଥାପନ କରାଇବ । ସୁତରାଂ ଆଁହଜରତ ସ.ଅଙ୍କ ଉକ୍ତ ଭବିଷ୍ୟବାଣୀଟି ଯଥା ସମୟରେ ପୂର୍ଣ୍ଣ ହୋଇଥିଲା ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-481-480ରୁ ଉଦ୍ଧୃତ)**

ହ. ମସିହ୍ ମଉଦ୍ ଅ .ସ କୁହନ୍ତି: "ମୋ ଜାଣତରେ ହ. ହସନ୍ ର.ଅ ବହୁତ ଭଲ କାମ କରିଛନ୍ତି । ଅର୍ଥାତ୍ ଖିଲାଫତରୁ ଆପଣ ର.ଅ ପୃଥକ୍ ହୋଇ ଯାଇଥିଲେ । ପ୍ରାରମ୍ଭରେ ହିଁ ସହସ୍ର ରକ୍ତପାତ ହୋଇ ସାରିଥିଲା । ତେଣୁ ସେ (ହ. ଇମାମ୍ ହସନ୍ ର.ଅ) ଏହା ଉଚିତ୍ ବୋଲି ମନେକଲେ ନାହିଁ ଯେ, ଆଉ ରକ୍ତପାତ ହେଉ । ତେଣୁ ଆପଣ ର.ଅ ମୁଆୱିୟା ଠାରୁ ଭତ୍ତା ନେଇନେଲେ । ହ. ହସନ୍ ର.ଅଙ୍କ ଉକ୍ତ କୃତ୍ୟ ଯୋଗୁଁ ଅର୍ଥାତ୍ ଚୁକ୍ତି କରିନେବା ଯୋଗୁଁ ଶିୟା ସଂପ୍ରଦାୟ ଉପରେ ପ୍ରହାର ହୁଏ । ସେଇଥି ପାଇଁ ଇମାମ୍ ହସନ୍ ର.ଅ ସଂପୂର୍ଣ୍ଣ ରୂପେ ସହମତ ହୋଇ ନଥିଲେ । ଆମେମାନେ ଉଭୟ ବ୍ୟକ୍ତିଙ୍କର ପ୍ରଶଂସକ ଅଟୁ । ଅର୍ଥାତ୍ ହସନ୍ ର.ଅଙ୍କ ପ୍ରଶଂସକ ଅଟୁ ଓ ହୁସୈନ୍ ର.ଅଙ୍କ ମଧ୍ୟ ପ୍ରଶଂସକ ଅଟୁ । ପ୍ରକୃତ କଥା ଏହିକି ଯେ, ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ ଶକ୍ତିର ଅଧିକାରୀ ପ୍ରତିତ ହୋଇ ଥାଆନ୍ତି । ହ. ଇମାମ୍ ହସନ୍ ର.ଅ ଏହା ପସନ୍ଦ କଲେ ନାହିଁ ଯେ, ମୁସଲମାନମାନଙ୍କ ମଧ୍ୟରେ ଗୃହଯୁଦ୍ଧ ବୃଦ୍ଧି ପାଉ ଏବଂ ରକ୍ତପାତ ହେଉ । ତେଣୁ ସେ ଶାନ୍ତିପ୍ରିୟ ଥିଲେ । ଆପଣ ର.ଅ ଶାନ୍ତିକୁ ଦୃଷ୍ଟି ସମ୍ମୁଖରେ ରଖିଲେ ଏବଂ ହ. ହୁସୈନ୍ ର.ଅ ଏହା ପସନ୍ଦ କଲେ ନାହିଁ ଯେ, ମୁଁ ପାପୀ ଏବଂ ଦୁରାଚାରୀ ବ୍ୟକ୍ତି ହସ୍ତରେ ବୈଅତ୍ କରିବି । କାରଣ ଏହା ଦ୍ୱାରା ଧର୍ମର ଅବକ୍ଷୟ ହେବ । ଉଭୟ ଇମାମ୍‌ଙ୍କ ଅନ୍ତର୍ନିହିତ ଉଦ୍ଦେଶ୍ୟ ସତ୍ (ପୁଣ୍ୟମୟ) ଥିଲା । ଯେପରିକି ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, إِنَّمَا الْأَعْمَالُ بِالنِّيَّاتِ ଏହା ଥିଲା ସେହି ବାଳକମାନଙ୍କର ଜୀବନ କାହାଣୀ ।"

**(ମଲ୍‌ଫୁଜାତ୍, ଭାଗ-8, ପୃ-278-279, ପ୍ରକାଶନ ବର୍ଷ 1984 ମସିହା)**

ଯେପରିକି ମୁଁ ଅନେକ ଖୁତ୍‌ବାରେ ପାଲେଷ୍ଟାଇନ୍‌ବାସୀମାନଙ୍କ ପାଇଁ ଦୁଆ କରିବା ନିମନ୍ତେ ଚର୍ଚ୍ଚା କରି ଆସୁଛି । ଆଜି ମଧ୍ୟ ଏହି ସଂପର୍କରେ କହିବାକୁ ଚାହୁଁଛି ଯେ, ଆପଣମାନେ ସେମାନଙ୍କ ପାଇଁ ଦୁଆ ଜାରି କରନ୍ତୁ । ବର୍ତ୍ତମାନ ଅତ୍ୟାଚାରର ସୀମା ଟପିଲାଣି । ହମାସ୍ ସହିତ ଯୁଦ୍ଧ ନାଁରେ ନିରୀହ ପିଲା, ମହିଳା, ବୃଦ୍ଧ ଏବଂ ରୋଗୀମାନଙ୍କୁ ହତ୍ୟା କରାଯାଉଛି । ପ୍ରତ୍ୟେକ ପ୍ରକାରର ଯୁଦ୍ଧ ସଂପର୍କିତ ନୀତି ନିୟମକୁ ସେହି ନାମକୁ ମାତ୍ର ଶିଷ୍ଟ ଏବଂ ସଭ୍ୟ ବୋଲାଉଥିବା ସଂସାର ପିଠି ପଛରେ ଫିଙ୍ଗି ଦେଇଛନ୍ତି । ଅଲ୍ଲାଃତାଲା ସମସ୍ତ ମୁସଲମାନ ରାଷ୍ଟ୍ରମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । ହ. ମୁସ୍‌ଲେହ୍ ମଉଦ୍ ର.ଅ 72,73 ବର୍ଷ ପୂର୍ବେ ସତର୍କ କରାଇ ଦେଇଥିଲେ ଯେ, ମୁସଲମାନମାନଙ୍କୁ ଏକଜୁଟ୍ ହେବା ଉଚିତ୍ । ଯଦି ଏପରି ନହୁଏ ତେବେ ସେମାନେ ନିଷ୍ପତ୍ତି ନିଅନ୍ତୁ କି ସେମାନେ ଗୋଟିଏ ଗୋଟିଏ କରି ମରିବେ । ଜଣ ଜଣ କରି

## ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ନିଜକୁ ଧ୍ୱଂସ କରିବେ ନା ଏକ ଅସ୍ତିତ୍ୱ ହୋଇ ରହିବେ ? ଏପିର ହୁଅନ୍ତା କି ବର୍ତ୍ତମାନ ମଧ୍ୟ ଏହି ଲୋକମାନେ ଉକ୍ତ କଥାକୁ ବୁଝି ନିଅନ୍ତେ ଓ ଏକ ହୋଇଯାଆନ୍ତା କି !

ପରିସ୍ଥିତି ତ' ଏପରି ସାଂଘାତିକ ହୋଇଯାଇଛି ଯେ, ମୋତେ କେହି ଜଣେ କହିଲା କି ଉମ୍ରାହ୍ କରିବାକୁ ଯେଉଁମାନେ ଯାଉଛନ୍ତି ସେମାନଙ୍କୁ କୁହାଯାଉଛି ଯେ, ସେମାନେ ସେଠାକୁ ଯାଇ ପାଲେଷ୍ଟାଇନ୍ ଏବଂ ଇସ୍ରାଇଲର ଯୁଦ୍ଧ ସଂପର୍କରେ କୌଣସି କଥାବାର୍ତ୍ତା କରନ୍ତୁ ନାହିଁ । ସେଠାକାର ସରକାର ଭିଜା ପ୍ରଦାନ କରିଲା ବେଳେ ଏହିପରି ମାର୍ଗଦର୍ଶନ ଦେଉଛି । ହୁଜୁର ଅନ୍ୱର୍ ଅ.ବ କହିଲେ, ମୁସଲମାନ ସରକାରାଙ୍କ ପକ୍ଷରୁ ଯଦି ଉକ୍ତ କଥାଟି ସଠିକ୍ ଅଟେ ତେବେ ଏହା ଅତ୍ୟନ୍ତ ନିନ୍ଦନୀୟ ଓ କାପୁରଷତା ତଥା ଭୀରୁତା ଅଟେ । ସେ ଯାହା ହେଉ ନା କାହିଁକି ଉମ୍ରାହ୍ ହେଉଛି ଉପାସନାର ଏକ ଅଧିକାର ଏବଂ ଅଭିନ୍ନ ଅଙ୍ଗ ଏହାକୁ ସମ୍ପାଦନ କରିବା ଉଚିତ୍। ଏହି ସମୟରେ ଏପରି କୌଣସି କଥାବାର୍ତ୍ତା କରିବା ଅନୁଚିତ୍ ଓ ଅପ୍ରାସଙ୍ଗିକ ଅଟେ । କିନ୍ତୁ ଅତ୍ୟାଚାରିତ, ନିଷ୍ପେଷିତ ପାଲେଷ୍ଟାଇନ୍‌ବାସୀଙ୍କ ନିମନ୍ତେ ଦୁଆ ତ' ଅବଶ୍ୟ କରିବା ଉଚିତ୍ । ତେଣୁ ଯେଉଁମାନେ ଉମ୍ରାହ୍ ପାଇଁ ଯାଉଛନ୍ତି ସେମାନେ ପାଲେଷ୍ଟାଇନ୍‌ବାସୀଙ୍କ ନିମନ୍ତେ ଦୁଆ କରନ୍ତୁ, ସେମାନଙ୍କୁ ନିଜ ଦୁଆରେ ସ୍ମରଣ ରଖନ୍ତୁ । ଆଜିକାଲି ମୁସଲମାନ ରାଷ୍ଟ୍ରମାନେ ମଧ୍ୟ ଯେଉଁ ସ୍ୱରୋତ୍ତଳନ କରୁଛନ୍ତି ତାହା ଅତ୍ୟନ୍ତ ଦୁର୍ବଳ ସ୍ୱର ଅଟେ । କେତେକ ରାଷ୍ଟ୍ରମାନେ ସ୍ୱରୋତ୍ତଳନ ମଧ୍ୟ କରନ୍ତି । ଏହା ଅପେକ୍ଷା ଅଣମୁସଲମାନ ରାଷ୍ଟ୍ରମାନେ ଏବଂ ରାଜନୈତିକ୍ ନେତୃବୃନ୍ଦମାନେ ମଧ୍ୟ ଘୋର ବିରୋଧ କରୁଛନ୍ତି । ଅଲ୍ଲାଃତାଲା ମୁସଲମାନମାନଙ୍କ ମଧ୍ୟରେ ସାହସିକତା ଏବଂ ବ୍ରହ୍ମଜ୍ଞାନ ସୃଷ୍ଟି କରନ୍ତୁ । **ଆମିନ୍** ।

ଆଜିକାଲି ୟୁ.ଏନ୍‌ର ସେକ୍ରେଟାରୀ ଜେନେରାଲ୍ ମଧ୍ୟ ଭଲ କହୁଛନ୍ତି । କିନ୍ତୁ ତାଙ୍କର ସ୍ୱରକୁ କେହି ଗୁରୁତ୍ୱ ଦେଉ ନାହାନ୍ତି । ଏପରି ପ୍ରତିତ ହେଉଛି ଯେ, ଉକ୍ତ ଯୁଦ୍ଧର ପରିସମାପ୍ତି ପରେ କିମ୍ବା ଉକ୍ତ ଯୁଦ୍ଧ ଯଦି ଅଧିକ ସଂପ୍ରସାରିତ ଏବଂ ବ୍ୟାପୀଲା ଓ ବିଶ୍ୱଯୁଦ୍ଧ ଭଳି ପରିସ୍ଥିତି ଉପୁଜିଲା ତେବେ ୟୁ.ଏନ୍‌ର ମଧ୍ୟ ପରିସମାପ୍ତି ଅବଶ୍ୟାମ୍ଭୀ। ଅଲ୍ଲାଃତାଲା ସଂସାରକୁ ସଦ୍‌ବୁଦ୍ଧି ଦିଅନ୍ତୁ । **ଆମିନ୍** । ଏପରି ମନେହେଉଛି ଯେପରି ସଂସାର ନିଜକୁ ଧ୍ୱଂସର ନକଟତର କରାଇ ନେଇଛି ଏବଂ ଉକ୍ତ ବିନାଶଲୀଳା ପରେ ଯେଉଁ ଲୋକମାନେ ବଞ୍ଚିଯିବେ ସେମାନଙ୍କୁ ଅଲ୍ଲାଃତାଲା ସଦ୍‌ବୁଦ୍ଧି ଦିଅନ୍ତୁ । ସେମାନେ ଈଶ୍ୱରଙ୍କ ଆଡ଼କୁ ଧ୍ୟାନ ସୃଷ୍ଟି କରନ୍ତୁ। ଈଶ୍ୱରଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରନ୍ତୁ । ସେ ଯାହା ହେଉ ନା କାହିଁକି ଏଥି ସଂକ୍ରାନ୍ତରେ ବହୁତ ଦୁଆ କରିବାର ଆବଶ୍ୟକତା ରହିଛି । ଅଲ୍ଲାଃତାଲା ସଂସାର ଓ ସଂସାରବାସୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ଆମିନ୍ ।

☆--☆--☆

## ବିଗତ ବଦର୍ ସଂଖ୍ୟା-30, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ.......

ହ.ମୁସ୍‌ଲେହ୍ ମଉଦ୍ ର.ଅ ଯେତେବେଳେ ତେହ୍‌ରିକେ ଜଦିଦ୍‌ର ଘୋଷଣା କରିଥିଲେ ଏବଂ ସେତେବେଳେ ଆପଣ ର.ଅ ଯେଉଁ ଦାବି ଉପସ୍ଥାପିତ କରିଥିଲେ ତନ୍ମଧ୍ୟରେ ଜଣେ ମହିଳାର ବଳିଦାନ ପ୍ରସଙ୍ଗରେ ଏହି ଘଟଣା ମଧ୍ୟ ରହିଥିଲା ଯେ, ଗହଣା ପ୍ରସ୍ତୁତ କରନ୍ତୁ ନାହିଁ । ଯଦି ପ୍ରସ୍ତୁତ କରୁଛନ୍ତି ତେବେ ତାହାକୁ ବଳିଦାନ କରି ଦିଅନ୍ତୁ । ମୁଁ ଭାବୁଛି ଯେ, ନିର୍ମିତ ବା ଗଢା ହୋଇଥିବା ଗହଣାର ବଳିଦାନ ଦେବା ଅପେକ୍ଷା ସବୁଠୁ ବଡ଼ ବଳିଦାନ ହେଲା ଗହଣା ପ୍ରସ୍ତୁତ କରା ନଯାଉ । ଅର୍ଥାତ୍ ସମ୍ମୁଖରେ ଯେଉଁ ବସ୍ତୁ ରହିଛି ତାହାକୁ ଦେବା ଅଧିକ କଷ୍ଟକର ବ୍ୟାପାର ଅଟେ ।

ସୁତରାଂ ଅହେମଦି ମହିଳିମାନେ ହ. ମୁସ୍‌ଲେହ ମଉଦ୍ ର.ଅଙ୍କ ଆହ୍ୱାନ କ୍ରମେ ସେତେବେଳେ ଏହି ବଳିଦାନ ଦେଇଥିଲେ ଏବଂ ଆଜି ମଧ୍ୟ ସେମାନେ ଏହି ବଳିଦାନ ଦେଉଛନ୍ତି । କେବଳ ଗୋଟିଏ ଦେଶରେ ନୁହେଁ ବରଂ ସେହି ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ମଧ୍ୟ ଏପରି ମହିଳାମାନେ ରହିଛନ୍ତି ଯେଉଁମାନେ ନିଜ ଗହଣାର ବଳିଦାନ ଦେଉଛନ୍ତି । କେବଳ ସେତିକି ନୁହଁ ବରଂ ନିଜର ଆଭୁଷଣ, ଗହଣା ଓ ଅଳଂକାର ଇତ୍ୟାଦିକୁ ଚାନ୍ଦାରେ ଦେଇ ଦେଇଥାଆନ୍ତି । ପୁନଶ୍ଚ ସେମାନେ ନୂତନ ଗହଣା ପ୍ରସ୍ତୁତ ବା କ୍ରୟ କରନ୍ତି । ପୁନଃ ସେମାନଙ୍କୁ ଶାନ୍ତି ମିଳେ ନାହିଁ । ଫଳତଃ ସେମାନେ ସେହି ଗହଣାକୁ ପୁନଃ ଚାନ୍ଦାରେ ପ୍ରଦାନ କରିଦେଇ ଥାଆନ୍ତି । କାରଣ ଯେପରିକି ହ. ମସିହ୍ ମଉଦ୍ ଅ.ସ କହିଲେ, ମହିଳାମାନେ ଯଦି ଚିର ତଥା ସାର୍ବକାଳୀନ ସୁଖ ଏବଂ ଆନନ୍ଦ ପ୍ରାପ୍ତ କରିବାର ଅଭିଳାଷୀ ତେବେ ସେମାନଙ୍କୁ ବଳିଦାନ ଦେବାକୁ ହେବ । ଏହି ସାର୍ବକାଳୀନ ଆନନ୍ଦ ବଳିଦାନ ଦେବା ବ୍ୟତୀରେକ କଦାପି ପ୍ରାପ୍ତ ହୋଇପାରିବ ନାହିଁ ।

ପୁନଶ୍ଚ ଦୀନ ଦରିଦ୍ର ଲୋକମାନେ ଅଛନ୍ତି ଯେଉଁମାନେ ନିଜର ପେଟ କାଟି ଚାନ୍ଦା ଦେଇ ଥାଆନ୍ତି ଏବଂ ଏପରି ଅନେକ ବ୍ୟକ୍ତିମାନେ ଅଛନ୍ତି ଯେଉଁମାନଙ୍କୁ ଅଲ୍ଲାଃତାଲା ତାତ୍‌କ୍ଷଣିକ ପ୍ରତିଦାନ ଏବଂ ପ୍ରତ୍ୟୁପକାର ମଧ୍ୟ ପ୍ରାପ୍ତ ହୋଇଥାଏ । ପ୍ରଭୁ ସେମାନଙ୍କୁ ସମ୍ମାନିତ କରିଥାଆନ୍ତି । ସେମାନଙ୍କୁ ଚାନ୍ଦା ଅପେକ୍ଷା ଏପରି ପନ୍ଥା ମାଧ୍ୟମରେ ପ୍ରଭୁ ପ୍ରଦାନ କରନ୍ତି ଯେ, ସେମାନେ ସ୍ୱୟଂ ଆଶ୍ଚର୍ଯ୍ୟ ଚକିତ ହୁଅନ୍ତି। ଏପରି ଲୋକମାନଙ୍କର କେତେକ ଘଟଣାବଳୀ ମଧ୍ୟରୁ କେତେକ ଘଟଣାବଳୀ ଏଠାରେ ବର୍ଣ୍ଣନା କରିବି । କିନ୍ତୁ ତତ୍‌ସହିତ ମୁଁ ସେହି ଧନୀକ ଲୋକମାନଙ୍କୁ ମଧ୍ୟ କହିବି ଯେ, ସେମାନେ ମଧ୍ୟ ତହିଁରୁ ଶିକ୍ଷା ଗ୍ରହଣ କରନ୍ତୁ ଓ ନିଜର ବଳିଦାନର ସ୍ତରକୁ ବୃଦ୍ଧି କରନ୍ତୁ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ନିଜର ଏକ ଖୁତ୍‌ବାରେ କହିଥିଲେ ଯେ, ଏପରି ଅଭାବି ଦିରଦ୍ର ଲୋକମାନେ ମଧ୍ୟ ରହିଛନ୍ତି ଯେଉଁମାନେ ନିଜର ମାସିକ ଆୟର ଶତକଡ଼ା 45% ଭାଗ ଅର୍ଥ ଚାନ୍ଦାରେ ପ୍ରଦାନ କରିଦେଇ ଥାଆନ୍ତି । ଯଦି ସେମାନଙ୍କର ଦୈନନ୍ଦିନ ଖୋରାକ୍ ପୋଷାକକୁ ମୌଳିକ ଆବଶ୍ୟକତା ରୂପେ ଗ୍ରହଣ କରାଯାଏ ଓ ତଦନୁଯାୟୀ ଚାନ୍ଦାର ଖର୍ଚ୍ଚ ବାହାର କରାଯାଏ ତେବେ ଏହା ଅଧିକ ହେବ । କିନ୍ତୁ ଧନୀ ଲୋକମାନେ କେବଳ ଦେଢ ଭାଗ ଚାନ୍ଦା ଦେଇ ଥାଆନ୍ତି । ଅପର ପକ୍ଷେ ଅଭାବି ଏବଂ ଦରିଦ୍ର ଲୋକମାନଙ୍କ ମଧ୍ୟରୁ ଏପରି ବ୍ୟକ୍ତିମାନେ ମଧ୍ୟ ଅଛନ୍ତି ଯେଉଁମାନେ ଶତ ପ୍ରତିଶତ ଚାନ୍ଦା ଦିଅନ୍ତି ଏବଂ ସମ୍ଭବତ ଧନୀ ଲୋକମାନେ 1 ପ୍ରତିଶତ ଚାନ୍ଦା ଦେଇ ଥାଆନ୍ତି । ସୁତରାଂ ଏହି ଦୃଷ୍ଟିରୁ ଗରିବ ଲୋକମାନଙ୍କର ଯେଉଁ ପ୍ରତିଶତ ବା ହାର ରହିଛି ତାହା ମୋଟ ଧନୀକ ବ୍ୟକ୍ତିମାନଙ୍କ ତୁଳନାରେ ଖୁବ୍ କମ୍ ଅଟେ । କିନ୍ତୁ ବଳିଦାନ ସ୍ତର ଅତ୍ୟନ୍ତ ଉଚ୍ଚ ହୋଇଥାଏ ।

**(ଖୁତ୍‌ବାତେ ମେହମୁଦ୍, ଭାଗ-15, ପୃ-443ରୁ ଉଦ୍ଧୃତ)**

ସୁତରାଂ ଉକ୍ତ ଦୃଷ୍ଟିକୋଣରୁ ଆର୍ଥିକ ସ୍ୱଚ୍ଛଳ ଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ନିଜ ନିଜର ସମୀକ୍ଷୀ କରିବା ଉଚିତ୍ । ଏହା ସ୍ମରଣ ରଖନ୍ତୁ ଯେ, ଅଲ୍ଲାଃତାଲା କେବେ କାହାର ଧାର ରଖନ୍ତି ନାହିଁ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଅନ୍ୟ ସ୍ଥାନରେ କହିଲେ, ସାତ ଶହ ଗୁଣା ଅବା ତତୁର୍ଦ୍ଧ୍ୱ ବୃଦ୍ଧି କରି ପ୍ରଦାନ କରନ୍ତି। ସେ ଯାହା ହେଉ ଯେପରିକି ମୁଁ କହିଲି, ମୁଁ ଏଠାରେ କେତେକ ବଳିଦାନକାରୀଙ୍କ ବଳିଦାନର ଉଦାହରଣ ଉପସ୍ଥାପିତ କରୁଛି । ଯେଉଁଠି ସେମାନଙ୍କ ବଳିଦାନ ଏବଂ ଉତ୍ସାହ ସଂପର୍କରେ ଜ୍ଞାତ ହୁଏ । ସେଠାରେ ଅଲ୍ଲାଃତାଲାଙ୍କ କୃପା ମଧ୍ୟ ତୁରନ୍ତ ସେମାନଙ୍କ ଉପରେ ହେଉଥିବାର ଦୃଶ୍ୟମାନ ହୋଇଥାଏ ।

ଆଫ୍ରିକା ମହାଦେଶର ଗିନି ବସାଓ ନାମକ ଏକ ଦେଶ ରହିଛି ସେଠାରେ ମେହମୁଦ୍ ସାହେବ ନାମକ ଯାନବାହାନ ମରାମତି କରୁଥିବା ଜନୈକ ବ୍ୟକ୍ତି ବାସ କରନ୍ତି । ତାଙ୍କୁ ମିଶନାରୀ ସାହେବ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଦେବା ପାଇଁ ଆହ୍ୱାନ ଦେଲେ । ସେ ନିଜ ପକେଟରେ ଯେତେ ଟଙ୍କା ରଖିଥିଲେ ଅର୍ଥାତ୍ ପ୍ରାୟ ଦଶ ହଜାର ଫ୍ରାଙ୍କ୍ ସିଫା ଥିଲା ସବୁ କାଢିଦେଲେ । ମେହମୁଦ୍ ସାହେବ ଘରେ ବସିଥିଲେ ଠିକ୍ ସେତିକିବେଳେ ତାଙ୍କର ପୁତ୍ର ବଧୂ ଆସିଲେ ସେ ଘରେ ଖାଦ୍ୟ ରାନ୍ଧିବା ନିମନ୍ତେ ଶ୍ୱଶୁରଙ୍କ ଠାରୁ ପଇସା ମାଗିଲେ । ମେହମୁଦ୍ ସାହେବ ସେହି ସମସ୍ତ ଟଙ୍କା ତେହ୍‌ରିକେ ଜଦିଦ୍‌ରେ ପୈଠ କରିବା ନିମନ୍ତେ ସ୍ଥିର କରିସାରିଥିଲେ। ତେଣୁ ସେ ସମସ୍ତ ଟଙ୍କା ତେହ୍‌ରିକେ ଜଦିଦ୍‌ର ଚାନ୍ଦାରେ ପୈଠ କିରଦେଲେ । ମେହମୁଦ୍ ସାହେବ ପୁତ୍ର ବଧୂଙ୍କୁ କିହଲେ, ହେ ପୁତ୍ର ବଧୂ ! ତୁମେ ଧୈର୍ଯ୍ୟ ଧର । ସେତେବେଳେ ପୁତ୍ର ବଧୂ ସେଠାରୁ ଫେରିଗେଲ । ମେହମୁଦ୍ ଜର୍ଗା ସାହେବ କୁହନ୍ତି ଯେ, ସେ ବର୍ତ୍ତମାନ ଚିନ୍ତିତ ଥିଲେ କି ସେ ବଧୂକୁ କିପରି ଖର୍ଚ୍ଚ ଦେବେ ଅର୍ଥାତ୍ ଘର ପାଇଁ ଖର୍ଚ୍ଚ କିପରି ଦେବେ ? ଠିକ୍ ସେତିକିବେଳେ ସରକାରୀ କାର୍ଯ୍ୟାଳୟ ତରଫରୁ ତାଙ୍କୁ (ମେହମୁଦ୍ ସାହେବଙ୍କୁ) ଫୋନ ଆସିଲା କି ଆପଣ କାର୍ଯ୍ୟାଳୟକୁ ଆସନ୍ତୁ। ମେହମୁଦ୍ ସାହେବ ଯେତେବେଳେ କାର୍ଯ୍ୟାଳୟରେ ପହଞ୍ଚିଲେ ସେତେବେଳେ କାର୍ଯ୍ୟାଳୟ ପକ୍ଷରୁ କୁହଗଲା କି ଆପଣ ଗତ ବର୍ଷ ଆମ କାର୍ଯ୍ୟାଳୟର ଯାନବାହନର ମରାମତି କରିଥିଲେ ଏହାର ପଇସା ଆମ କାର୍ଯ୍ୟାଳୟ ଆପଣଙ୍କୁ ପୈଠ କରି ନଥିଲା। 1 ଲକ୍ଷ ୨0 ହଜାର ଫ୍ରାଙ୍କ୍ ସିଫା ଚେକ୍ ତାଙ୍କୁ ପ୍ରଦାନ କରାଗଲା । ଚେକ୍‌ଟିକୁ ଅସୁଲ୍ କରିବା ପରେ ମେହମୁଦ୍ ସାହେବ ତୁରନ୍ତ ନିଜ ଘରକୁ ଆସିଲେ। ନିଜର ପୁତ୍ର ବଧୂ ଏବଂ ଘରର ଅନ୍ୟ ସଦସ୍ୟମାନଙ୍କୁ ଡ଼କାଇ କହିଲେ, ଦେଖ ! ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିବାର କଲ୍ୟାଣ । ଯେଉଁ ଅର୍ଥ ପ୍ରାପ୍ତିର ମୁଁ ଆଶା କରି ନଥିଲି ତାହା ମୋତେ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାହି ଅୱଲହୁ** ପଢିନେଉ।"

**(ତିର୍ମିଜି କିତାବୁଲ୍ ଅତଅମା )**

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ମୋର ପାଳକର୍ତ୍ତା ପ୍ରଦାନ କରିଦେଲେ ।

ଫିଜିର ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି: "ନାନ୍ଦିର ଅସ୍‌ଫାକ୍ ସାହେବ ନାମକ ଜଣେ ବନ୍ଧୁ ଅଟନ୍ତି । ସେ କୁହନ୍ତି, ଯାତ୍ରା ସମୟରେ ସେ ମୋର ତେହ୍‌ରିକ୍ ଉପରେ ଦିଆଯାଇଥିବା ଖୁତ୍‌ବା ଶୁଣିଥିଲେ । ସେହି ଖୁତ୍‌ବାରେ ମୁଁ ଯେଉଁ ଘଟଣାବଳୀ ବର୍ଣ୍ଣନା କରିଥିଲି ତାହାକୁ ଅସ୍‌ଫାକ୍ ସାହେବ ଶୁଣିଥିଲେ । ସେହି ଘଟଣାବଳୀର ତାଙ୍କ ଉପରେ ବହୁତ ଗଭୀର ପ୍ରଭାବ ପଡ଼ିଲା ଏବଂ ଯାତ୍ରା ସମୟରେ ବାହାନ ଚଳାଉ ଚଳାଉ ସେକ୍ରେଟାରୀ ତେହ୍‌ରିକେ ଜଦିଦ୍ ସାହେବଙ୍କୁ ଫୋନ କରି କହିଲେ, ମୌଲବୀ ସାହେବ ! ମୋର ତେହ୍‌ରିକେ ଜିଦିଦ୍‌ର ଚାନ୍ଦା ଦ୍ୱିଗୁଣିତ କରିଦିଅନ୍ତୁ । ଅସ୍‌ଫାକ୍ ସାହେବ ବ୍ୟବସାୟ କରନ୍ତି । ସେ ବାର୍ଷିକ ବ୍ୟବସାୟର ରିପୋର୍ଟ ମଧ୍ୟ ପ୍ରସ୍ତୁତ କରନ୍ତି । ସେହି ବର୍ଷ ତାଙ୍କର ଲାଭ ମଧ୍ୟ ଦୁଇ ଗୁଣା ହୋଇଥିଲା । ସୁତରାଂ ଅସ୍‌ଫାକ୍ ସାହେବ ବର୍ଣ୍ଣନା କରନ୍ତି ଯେ, ମୋର ଏହି ବିଶ୍ୱାସ ରହିଛି ଯେ, ଏହି ଦୁଇ ଗୁଣା ଲାଭ ଆମର ପରିଶ୍ରମ ଏବଂ ଉଦ୍ୟମ ଦ୍ୱାରା ପ୍ରାପ୍ତ ହୋଇ ନାହିଁ । ବରଂ କେବଳ ଅଲ୍ଲାଃତାଲାଙ୍କ କୃପା ଏବଂ ଚାନ୍ଦାକୁ ଦୁଇ ଗୁଣା କରିବା ଦ୍ୱାରା ମୋତେ ପ୍ରାପ୍ତ ହୋଇଛି ।"

ମସ୍କୋର ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯେ, କିର୍ଗିସ୍ତାନ୍‌ର ରସ୍‌ଲାନ୍ କିକିୟୁ ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି । ମହୋଦୟ ଦୀର୍ଘ 14 ବର୍ଷ ଧରି ମସ୍କୋରେ ଅବସ୍ଥାନ କରୁଛନ୍ତି ।  ସେ ପୂର୍ବେ ମଧ୍ୟ ଆର୍ଥିକ ବଳିଦାନ କରିବା ପ୍ରତି ଧ୍ୟାନ ଦେଉଥିଲେ । ପ୍ରାୟ ଏକ ବର୍ଷ ପୂର୍ବେ ସେ ଯେତେବେଳେ ଆର୍ଥିକ ବଳିଦାନ ସଂପର୍କରେ ମୋର ଖୁତ୍‌ବା ଶୁଣିଲେ ସେତେବେଳେ କହିଲେ ଯେ, ମୋତେ ବହୁତ ଆନନ୍ଦ ଲାଗିଲା ଏବଂ ଏତଦ୍‌ପରେ ସେ କହିଲେ, ମୁଁ ମଧ୍ୟ ସେହି ଲୋକମାନଙ୍କ ମଧ୍ୟରେ ସାମିଲ୍ ହୋଇଛି ଯେଉଁମାନେ ବଳିଦାନକାରୀ ଅଟନ୍ତି । ବିନା କୌଣସି ବାଧା ବିଘ୍ନରେ ଅହରହ ଭାବରେ ମୁଁ ଦୈନିକ ଆୟର ଶତକଡ଼ା 10 ଭାଗ ଚାନ୍ଦାର ଆୟ (ଚନ୍ଦା ଆମଦ୍)ରେ ପ୍ରେରଣ କରିବାକୁ ଆରମ୍ଭ କିରଦେଲି । କିଛି ଅର୍ଥ ସଦ୍‌କା କରୁଥିଲି ଏବଂ ଅନ୍ୟ ଅର୍ଥ ଚାନ୍ଦାରେ ବ୍ୟୟ କରୁଥିଲି । ଏହି ପନ୍ଥା ସେ ଦୀର୍ଘ ଏକ ବର୍ଷ ପର୍ଯ୍ୟନ୍ତ ସେ ଜାରି ରଖିଲେ । ଯେତେବେଳେ ମୁବଲ୍ଲିଗ୍ ସିଲ୍‌ସିଲାଙ୍କର ଅନ୍ୟତ୍ର ବଦଳି ହେଲା ସେତେବେଳେ ରସ୍‌ଲାନ୍ କିକିୟୁ ସାହେବ ମୂଳତଃ ଋଷୀୟ ବଂଶୋଦ୍ଭବ ଅଟନ୍ତି । କିନ୍ତୁ କିର୍ଗିସ୍ତାନର ଅଧିବାସୀ ଅଟନ୍ତି । ପ୍ରଥମ ପ୍ରଶ୍ନ ଏହା ଥିଲା ଯେ, ଏବେ ବି ମୁଁ ନିଜର ଚାନ୍ଦା ଯେଭଳି ପୈଠ କରୁଥିଲି ସେହିପରି ଜାରି ରଖିପାରିବି କି ? ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେବେ ଏହି ବିପ୍ଳବ ହ. ମସିହ୍ ମଉଦ୍ ଅ.ସ ଲୋକମାନଙ୍କ ମଧ୍ୟରେ ସୃଷ୍ଟି କରିଛନ୍ତି । ଅର୍ଥାତ୍ ଲୋକମାନଙ୍କ ମନରେ ଚାନ୍ଦା ଦେବା ପ୍ରତି ଏକ ବ୍ୟାକୁଳତା ଏବଂ ସ୍ପୃହା ରହିଛି ।

ତାନ୍‌ଜାନିୟାର ଅମୀର୍ ସାହେବ ଉଲ୍ଲେଖ କରନ୍ତି, ସେଠାକାର ଏକ ଜମାଅତ୍‌ରେ ମୁହମ୍ମଦ ସାନି ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି । ସେ ସେଠାରେ ଅର୍ଥାତ୍ ଯେଉଁ କମ୍ପାନୀରେ ଚାକିରୀ କରୁଥିଲେ ସେଠାରେ କମ୍ପାନୀକୁ ଆର୍ଥିକ କ୍ଷତି ସହ୍ୟ କରିବାକୁ ପଡ଼ିଲା । ସେହି କାରଣରୁ ମାଲିକ କହିଦେଲା ଯେ, ସମସ୍ତ କର୍ମଚାରୀଙ୍କ ଦରମାରୁ କିଛି ଅର୍ଥ କାଟ ହେବ । ଏକଥା ଶୁଣି ସେ ବହୁତ ଦୁଃଖିତ ହେଲେ । ତେହ୍‌ରିକେ ଜଦିଦ୍‌ର ଚାନ୍ଦା ପୈଠ କରିବାର ଶେଷ ମାସ ଥିଲା । ମୁଅଲ୍ଲିମ ସାହେବ ଯେତେବେଳେ ତାଙ୍କ ସହିତ ଯୋଗାଯୋଗ କଲେ ସେତେବେଳେ ସେ ନିଜର ସମସ୍ୟାର ପରିପ୍ରକାଶ ମଧ୍ୟ କଲେ ନାହିଁ ଯେ, କ'ଣ ସମସ୍ୟା ରହିଛି । ବରଂ ଅଲ୍ଲାଃତାଲାଙ୍କ ଉପରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ କରି ସେ ନିଜର ୱାଦା (ପ୍ରତିଶ୍ରୁତି) ସଂପୂର୍ଣ୍ଣ କରିଦେଲେ । ପରବର୍ତ୍ତୀ ଦିନ ହିଁ ତାଙ୍କର ମାଲିକଙ୍କ ଫୋନ ଆସିଲା କି ତାଙ୍କ ଦରମାରୁ କୌଣସି ଟଙ୍କା କାଟ ହେବ ନାହିଁ । ସୁତରାଂ ଅନ୍ୟାନ୍ୟ ସାଥିମାନଙ୍କ ଦରମାରୁ କିଛି ଟଙ୍କା କାଟ ହେଲା । କିନ୍ତୁ ତାଙ୍କୁ ସଂପୂର୍ଣ୍ଣ ଦରମା ମିଳିଲା । ସେ ଏହା ମଧ୍ୟ କୁହନ୍ତି ଯେ, ମୁଁ ସେତେବେଳେ ଯେଉଁ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ପୈଠ କରି ଦେଇଥିଲି ଏହା ତାହାରି ପରିଣାମ ଅଟେ ।

ମୁଲାୱି ନାମକ ଏକ ଦେଶ ରହିଛି । ସେଠାକାର ମ୍ୟାଁଗୋଚି (Mangochi) ନମାକ ଏକ ଜିଲ୍ଲାର ଜଣେ ଅଧିବାସୀନୀ ଅଟନ୍ତି । ସେ ଚାଷବାସ କରନ୍ତି । ଚାଷବାସ କରି ଚଳନ୍ତି । ଅର୍ଥାତ୍ ପ୍ରତି ପୋଷଣ କରନ୍ତି । ସେ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଲେଖାଇଲେ କିନ୍ତୁ ପୈଠ କରିପାରିଲେ ନାହିଁ । ବର୍ଷ ଶେଷରେ ଯେତେବେଳେ ତାଙ୍କୁ ସ୍ମରଣ କରାଇ ଦିଆଗଲା ଯେ, ତାଙ୍କର ବକେୟା ଚାନ୍ଦା ରହିଛି । ଅର୍ଥାତ୍ ଏହି ଘୋଷଣା କରାଗଲା ଯେ, ଯଦି କୌଣସି ବ୍ୟକ୍ତିଙ୍କର ଚାନ୍ଦାର କିଛି ୱାଦା ଅପୂର୍ଣ୍ଣ ରହିଯାଇଛି ତେବେ ସେମାନେ ତୁରନ୍ତ ଆସି ପୈଠ କରି ଦିଅନ୍ତୁ । ସୁତରାଂ ମହୋଦୟା କୁହନ୍ତି ଯେ, ସେ କାମ ପାଇଁ ବହୁତ ଚେଷ୍ଟା କଲେ ଯେ, କାମ ମିଳିଯାଉ । କାରଣ ସେ ନିଜର ଆୟରୁ ଚାନ୍ଦା ପୈଠ କରି ନିଜର ପ୍ରତିଶ୍ରୁତିକୁ ପୂରଣ କରିପାରିବେ । ସତଚେଷ୍ଟା ସତ୍ତ୍ୱେ ତାଙ୍କୁ କାମ ମିଳାପାରିଲା ନାହିଁ । ଦିନେ ସେ ମସ୍‌ଜିଦ୍‌ରେ ଅସର୍ ନମାଜ୍ ପାଠ କରିସାରି ଘରକୁ ପହଞ୍ଚିଲେ ତାଙ୍କୁ ସୂଚନା ମିଳିଲା ଯେ, ତାଙ୍କର ନାତି ତାଙ୍କୁ 45,000 କ୍ୱାଚେ ଟଙ୍କା ଉପହାର ପଠାଇଛି । କ୍ୱାଚେ ସେଠିକାର ସ୍ଥାନୀୟ ମୁଦ୍ରା ଅଟେ । ସୁତରାଂ ତାଙ୍କର ଆନନ୍ଦର ସୀମା ଆଉ ରହିଲା ନାହି । ସେ ତୁରନ୍ତ ମୁଅଲ୍ଲିମ୍ ସାହେବଙ୍କ ପାଖକୁ ଯାଇ ନିଜର ପ୍ରତିଶ୍ରୁତି କରିଥିବା ଚାନ୍ଦା ପୈଠ କରିଦେଲେ । ସେ ବାରମ୍ବାର ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରୁଥିଲେ ଯେ, ଅଲ୍ଲାଃତାଲା ତାଙ୍କୁ ନିଜର ୱାଦା ସଂପୂର୍ଣ୍ଣ ରୂପେ ପୈଠ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ ।

ହୁଜୁର୍ ଅନ୍‌ୱର ଅ.ବ କହିଲେ, ବର୍ତ୍ତମାନ ଗରିବ ଲୋକମାନେ ମଧ୍ୟ ଏକ ଚିନ୍ତା ଓ ଦାୟିତ୍ୱ ସହକାରେ ନିଜର ଚାନ୍ଦା ପୈଠ କରିଥାଆନ୍ତି ।

ତାନ୍‌ଜାନିୟାର ଅମୀର୍ ସାହେବ କୁହନ୍ତି, ଶିୟାନ୍‌ଗାରେ ଏକ ଜମାଅତ ରହିଛି। ମରିୟମ୍ ସାହେବା ନାମକ ଜଣେ ମହିଳା ଅଟନ୍ତି । ସେ କୁହନ୍ତି, ମୁଅଲ୍ଲିମ୍ ସାହେବଙ୍କର ଫୋନ ଆସିଲା । ସେ ତେହ୍‌ରିକେ ଜଦିଦ୍‌ର ବକେୟା ଚାନ୍ଦା ପୈଠ କରିବା ପ୍ରତି ତାଙ୍କର ଧ୍ୟାନ ଆକର୍ଷଣ କରାଗଲା । ସେ କୁହନ୍ତି ଘରର ଆବଶ୍ୟକତା ଏବଂ ବ୍ୟବହାର ନିମନ୍ତେ ସେତେବେଳେ ମୋ ନିକଟରେ କେବଳ 10,000 ଶିଲିଙ୍ଗ୍ ଟଙ୍କା ରହିଥିଲା । ସେହି ଟଙ୍କାକୁ ମୁଁ ଚାନ୍ଦାରେ ପୈଠ କରିଦେଲି । ପୁନଶ୍ଚ ଅଲ୍ଲାଃତାଲା ଏପରି କଲେ ଯେ, ସେହି ଦିନ ଅଲ୍ଲାଃତାଲା ମୋତେ ଏକ ଲକ୍ଷ ଶିଲିଙ୍ଗ୍ ଟଙ୍କା ଫେରସ୍ତ କରିଦେଲେ । ସେ ପୁନଶ୍ଚ କୁହନ୍ତି, ଏହି ସମସ୍ତ କଲ୍ୟାଣ ଚାନ୍ଦା ଦେବା ଯୋଗୁଁ ସମ୍ଭବପର ହୋଇପାରିଛି ।

ଗିନି ବସାଓର ଉସ୍‌ମାନ୍ ସାହବେ ନାମକ ଜଣେ ନବଦୀକ୍ଷିତ ବ୍ୟକ୍ତି ଅଟନ୍ତି । ତାଙ୍କ ଜୀବନରେ ଅନେକ ଆର୍ଥିକ ସମସ୍ୟା ରହିଥିଲା । ସେ ଯେଉଁ ବ୍ୟବସାୟ କରୁଥିଲେ ସେଥିରେ ତାଙ୍କୁ କୌଣସି ସଫଳତା ମିଳୁ ନଥିଲା । ଏହି ଚିନ୍ତାରେ ସେ ପୀଡ଼ିତ ହୋଇ ସେ ଏକ ରାତ୍ରରେ ଶୋଇଲେ । ସେ କୁହନ୍ତି ଯେ, ମୁଁ ଯେତେବେଳେ ରାତ୍ରରେ ଉକ୍ତ ଚିନ୍ତାରେ ଚିନ୍ତିତ ହୋଇ ଶୋଇଲି ସେତେବେଳେ ମୋତେ ଏକ ସ୍ୱର ଶୁଭିଲା ଯେ, ହେ ଉସ୍‌ମାନ୍ ! ତୁମେ ନିଜର ଚାନ୍ଦା ନିୟମିତ ଭାବରେ ପୈଠ କର। ସକାଳ ହେବା ମାତ୍ରେ ଉସ୍‌ମାନ୍ ସାହେବ ମିଶ୍‌ନାରୀଙ୍କ ନିକଟକୁ ଆସିଲେ ଏବଂ ନିଜର ସ୍ୱପ୍ନ ଶୁଣାଇଲେ । ପ୍ରତ୍ୟୁତ୍ତରରେ ମିଶ୍‌ନାରୀ ସାହେବ ତାଙ୍କୁ ତେହ୍‌ରିକେ ଜିଦଦ୍ ଏବଂ ଅନ୍ୟାନ୍ୟ ଚାନ୍ଦା ସଂପର୍କରେ କହିଲେ । ଅତଃ ଉସ୍‌ମାନ୍ ସାହେବ ତୁରନ୍ତ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ପୈଠ କରିଦେଲେ । ନିଜର ସମସ୍ତ ଚାନ୍ଦାଗୁଡ଼ିକର ଏକ ଏକ ତାଲିକା ପ୍ରସ୍ତୁତ କଲେ ଏବଂ ନିୟମିତ ରୂପେ ନିଜର ଚାନ୍ଦା ପୈଠ କରିବା ଆରମ୍ଭ କରିଦେଲେ । ଉସ୍‌ମାନ୍ ସାହେବ କୁହନ୍ତି, ଯେବେଠାରୁ ମୁଁ ନିୟମିତ ଭାବରେ ନିଜର ଚାନ୍ଦା ପୈଠ କରିବାକୁ ଆରମ୍ଭ କରିଛି ସେବେଠାରୁ ଅଲ୍ଲାଃତାଲା ମୋର ପ୍ରତ୍ୟେକ ବାଣିଜ୍ୟ ବ୍ୟବସାୟରେ ଅଜସ୍ର କଲ୍ୟାଣ ପ୍ରଦାନ କରିଛନ୍ତି । ମୋର ସମସ୍ତ ପାରିବାରିକ ସମସ୍ୟା ମଧ୍ୟ ଦୂରୀଭୂତ ହୋଇଯାଇଛି । ବର୍ତ୍ତମାନ ସେ ଦୃଢ ରୂପେ ଏହି ବିଶ୍ୱାସ କରନ୍ତି ଯେ, ଏହି ସମସ୍ତ ପ୍ରସଙ୍ଗ ତେହ୍‌ରିକେ ଜଦିଦ୍ ଓ ଅନ୍ୟାନ୍ୟ ଚାନ୍ଦା ପୈଠ କରିବା ଯୋଗୁଁ ତାଙ୍କୁ କଲ୍ୟାଣ ପ୍ରାପ୍ତ ହୋଇଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ହେଉଛି ଅଲ୍ଲାଃତାଲାଙ୍କର ନୈଷ୍ଠିକ ଭକ୍ତମାନଙ୍କ ପ୍ରତି ବ୍ୟବହାର । ଅଲ୍ଲାଃତାଲା କିପରି ନବଦୀକ୍ଷିତମାନଙ୍କୁ ମଧ୍ୟ ସ୍ମରଣ କରାଇ ଥାଆନ୍ତି । ଅଲ୍ଲାଃତାଲାଙ୍କ କୌଣସି ଧନର ଆବଶ୍ୟକତା ନାହିଁ । ବରଂ ସେ  କେବଳ ପୁରସ୍କୃତ କରିବା ନିମନ୍ତେ ଏହିପରି କରିଥାଆନ୍ତି ।

ଅଷ୍ଟ୍ରେଲିୟାରୁ କାମ୍ରାନ ସାହେବ ନାମକ ଜଣେ ମୁବଲ୍ଲିଗ ସାହେବ ଅଟନ୍ତି । ସେ କୁହନ୍ତି, ଜଣେ ସେବକ ଦୀର୍ଘ 10 ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଚାନ୍ଦା ଦେଇ ନଥିଲା। ମୁଁ ତା' ସହିତ ବସିଲି ଏବଂ ତା'କୁ ଆର୍ଥିକ ବଳିଦାନର କଲ୍ୟାଣ ସଂକ୍ରାନ୍ତରେ ବୁଝାଇ କହିଲି । ଏହାପରେ ସେ ନିଜର ଚାନ୍ଦା ଦେବା ଆରମ୍ଭ କରିଦେଲା । ସେ ଅନ୍ୟାନ୍ୟ ଚାନ୍ଦା ସହିତ ତେହ୍‌ରିକେ ଜଦିଦ୍ ଓ ୱକ୍‌ଫେ ଜଦିଦ୍‌ର ଚାନ୍ଦା ସାଙ୍ଗେ ସାଙ୍ଗେ ପୈଠ କରିଦେଲା । କିଛି ଦିନ ବିତି ନଥିଲା କି ଫୋନ୍ ଆସିଲା ଏବଂ ସେହି ସେବକ ଜଣ କହିବାକୁ ଲାଗିଲା ଯେ, ମୌଲବୀ ସାହେବ ଅଲ୍ଲାଃତାଲାଙ୍କ କୃପାରୁ ମୋର ପଦୋନ୍ନତି ହୋଇଯାଇଛି । ଏହି ପଦନ୍ନୋତି ମିଳିବାର ମୁଁ ଆଦୌ ଆଶା କରୁ ନଥିଲି। ପୁନଶ୍ଚ ସେ ଏହା କହିବାକୁ ଲାଗିଲା ଯେ, ଏହି ପଦୋନ୍ନତି କେବଳ ଅଲ୍ଲାଃତାଲାଙ୍କ ମାର୍ଗରେ ବଳିଦାନ ଦେବା ଦ୍ୱାରା ସମ୍ଭବପର ହୋଇ ପାରିଛି । ଅର୍ଥାତ୍ ଉକ୍ତ ସେବକ ଜଣକ ଦୀର୍ଘ 10 ବର୍ଷ ଧରି ଆଳସ୍ୟ ପରାୟଣ ହୋଇ ରହିଥିଲା । ସେ କହିବାକୁ ଲାଗିଲା ଯେ,  ମୁଁ ବର୍ତ୍ତମାନ ଆଉ କେବେ ବି ଚାନ୍ଦା ଦେବାରେ ଅବହେଳା ପ୍ରଦର୍ଶନ କରିବି ନାହିଁ ।

ଗ୍ୟାମ୍ବିୟାର ନିମାନିୟା (Nimania) ନାମକ ଏକ ଗ୍ରାମ ରହିଛି । ସେଠାରେ ମଧ୍ୟ ଉସ୍‌ମାନ୍ ସାହେବ ନାମକ ଜଣେ ବନ୍ଧୁ ବାସ କରନ୍ତି । ସେକ୍ରେଟାରୀ ତେହରିକେ ଜଦିଦ୍ ତାଙ୍କ ଗ୍ରାମକୁ ଗଲେ ଏବଂ ତାଙ୍କୁ ଚାନ୍ଦା ଦେବା ନିମନ୍ତେ ଆହ୍ୱାନ ଦେଲେ ଏବଂ କହିଲେ,ଏହା କେବଳ ଆର୍ଥିକ ଆହ୍ୱାନ ନୁହେଁ ବରଂ ଏହା ସେହି ଅଭିପ୍ରାୟ ମଧ୍ୟରୁ ଅନ୍ୟତମ ଅଭିପ୍ରାୟ ଅଟେ ଯେ, ଜ୍ଞାନରେ ଅଗ୍ରସର ହେବା ଓ ତବ୍‌ଲିଗ୍ ଅର୍ଥାତ୍ ପ୍ରଚାର କରିବା । ଆପଣ ତେହ୍‌ରିକେ ଜିଦଦ୍‌ର ଚାନ୍ଦାରେ ସାମିଲ୍ ହେବାକୁ ଯାଉଛନ୍ତି । ଆପଣ ଉକ୍ତ ଆହ୍ୱାନରେ ସାମିଲ୍ ହୋଇ ଏହା ଭାବନ୍ତୁ ନାହିଁ ଯେ, ମୁଁ ଚାନ୍ଦା ଦେଇ ଦେଲି ମୋର ଦାୟିତ୍ୱ ସମାପ୍ତ ହୋଇଗଲା । ନା । ବରଂ ଚାନ୍ଦା ତ' ଦେଇ ଦେଲେ ଏତଦ୍‌ଭିନ୍ନ ତାଙ୍କୁ ନିଜର ଧାର୍ମିକ ଜ୍ଞାନକୁ ମଧ୍ୟ ବୃଦ୍ଧ କରିବା  ଉଚିତ୍। ପୁନଶ୍ଚ ଏତଦ୍‌ପରେ ତବ୍‌ଲିଗ୍‌ର ଭୂମିରେ ମଧ୍ୟ ଆଗେଇ ଆସିବା ଉଚିତ୍ । ବିଗତ ଦିନରେ ମୁଁ ଯେତେବେଳେ ଖୁଦ୍ଦାମ୍ ଏବଂ ଅନ୍‌ସାରମାନଙ୍କ ଠାରୁ ଯେତେବେଳେ ଅଙ୍ଗୀକାର ନେଇଥଲି ତା'କୁ ବି ଯଦି ଏହି ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସମ୍ମୁଖରେ ରଖନ୍ତି ତେବେ ତବ୍‌ଲିଗ୍‌ର ଭୂମିରେ ଆମମାନଙ୍କୁ ଆହୁରି ଆଗକୁ ଆଗେଇ ଆସିବା ଉଚିତ୍ । କେବଳ ଆର୍ଥିକ ବଳିଦାନ ଦେଇ ଆପଣ ଏହା ମନେକରନ୍ତୁ ନାହିଁ ଯେ, ଆମମାନେ ଆର୍ଥିକ ବଳିଦାନ ଦେଇ ନିଜ ନିଜର ଦାୟିତ୍ୱ ସମ୍ପାଦନ କରିଦେଲୁ । ଏପରି ଆଉ ଚଳିବା ନାହିଁ ।

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 15 AUGUST 2024 Issue No. - 33

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ତେହ୍‌ରିକେ ଜଦିଦ୍‌ର ଗୋଟିଏ ଅଭିପ୍ରାୟ ଏହା ରହିଥିଲା ଯେ, ତବ୍‌ଲିଗ୍ କରିବା । ଉକ୍ତ ଅଭିପ୍ରାୟଟି ସେବୁଠୁ ବଡ଼ ଅଭିପ୍ରାୟ ରୂପେ ପରିଚିତ ଅଟେ । ଉକ୍ତ ଉଦ୍ଦେଶ୍ୟକୁ ଭିତ୍ତି କରି ତେହ୍‌ରିକେ ଜଦିଦ୍ ଆରମ୍ଭ ହୋଇଥିଲା । ଉସ୍‌ମାନ ସାହେବ କୁହନ୍ତି, ମୁଁ ଉକ୍ତ ତେହ୍‌ରିକ୍ ଦ୍ୱାରା ଅତି ମାତ୍ରାରେ ପ୍ରଭାବିତ ହେଲି । ମୁଁ ବୈଅତ୍ କରି ଜମାଅତ୍‌ରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେଲି । ଉସ୍‌ମାନ୍ ସାହେବ କୁହନ୍ତି, ସେତେବେଳେ ସେ ବୈଅତ୍ କରି ନଥିଲେ । ଯେତେବେଳେ ତେହ୍‌ରିକେ ଜଦିଦ୍‌ର ଅଭିପ୍ରାୟ ସଂପର୍କରେ ଜ୍ଞାତ ହେଲା ସେତେବେଳେ ବୈଅତ୍ କରି ଜମାଅତ୍‌ରେ ସାମିଲ୍ ହେବା ନିମନ୍ତେ ନିଷ୍ପତ୍ତି ନେଲି ଏବଂ 150 ଡଲାସି ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଦେବା ନିମନ୍ତେ ୱାଦା (ପ୍ରତିଶ୍ରୁତି) ମଧ୍ୟ କଲି ଓ ପୈଠ ମଧ୍ୟ କରିଦେଲି । ଚାନ୍ଦା ପୈଠ କରିବା ପରେ ମୁଁ ନିଜ ମଧ୍ୟରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଅନୁଭବ କଲି । ମୁଁ ଅହେମଦି ଅଟେ ଏବଂ ମୁଁ ବର୍ତ୍ତମାନ ଅଣଅହେମଦିଙ୍କ ମଧ୍ୟରେ ଇସ୍‌ଲାମ୍ ଧର୍ମର ପ୍ରଚାର କରୁଛି । ସେହିପରି ବର୍ତ୍ତମାନ ନିୟମିତ ଭାବରେ ଚାନ୍ଦା ଆମ୍ ମଧ୍ୟ ପୈଠ କରୁଛି ।

ହୁଜୁର ଅନୱର୍ ଅ.ବ କହିଲେ, ଗ୍ୟାମ୍ବିୟାରୁ ହିଁ ଜନୈକା ମହିଳା ଉଲ୍ଲେଖ କରନ୍ତି ଯେ, ମୁଁ ଯେବେଠାରୁ ଚାନ୍ଦା ପୈଠ କରିଛି ସେବାଠାରୁ ମୁଁ ମୋ ସନ୍ତାନମାନଙ୍କ ମଧ୍ୟରେ ଏକ ବିପ୍ଳବ ସୃଷ୍ଟି ହୋଇଥିବାର ଅନୁଭବ କରୁଛି । ମୁଁ ଏହା ଅବଲୋକନ କରିଛି ଯେ, ଅଲ୍ଲାଃତାଲା ଆମର ପ୍ରତ୍ୟେକ ଆବଶ୍ୟକତା ପୂରଣ କରୁଛନ୍ତି । ଅଲ୍ଲାଃତାଲାଙ୍କ ସକାଶେ ତାହାଙ୍କ ମାର୍ଗରେ ପୂଣ୍ୟାର୍ଜନ ଏବଂ ବଳିଦାନ କରିବା ଫଳରେ ଅଲ୍ଲାଃତାଲାଙ୍କ କୃପାର ପାତ୍ର ହୋଇ ପାରିବା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଫ୍ରିକା ମହାଦେଶର ଗିନି କନାକେରୀ ନାମକ ଏକ ଦେଶ ରହିଛି । ସେଠାକାର କମାରା ସାହେବ ନାମକ ଜନୈକ ସ୍ଥାନୀୟ ମିଶ୍‌ନାରୀ କହିଲେ, ମୁଁ ଚାନ୍ଦା ଆଦାୟ କରିବା ନିମନ୍ତେ ଏକ ଗ୍ରାମର ଗସ୍ତ କରୁଥିଲି କି ଜଣେ ନବଦୀକ୍ଷିତ ଇମାମ୍ ସାହେବଙ୍କର ପତ୍ନି ଚାନ୍ଦା ପୈଠ କରିବା ନିମନ୍ତେ କହିଲେ । ମହୋଦୟା 5000 ଗିନି ମୁଦ୍ରା କାଢି ଆକାଶ ଆଡ଼କୁ ଇଙ୍ଗିତ କରି କହିଲେ, ହେ ଅଲ୍ଲାଃ ! ମୋ ନିକଟରେ କେବଳ ଏତିକି ଟଙ୍କା ରହିଛି ଯାହାକୁ ମୁଁ ତୁମ ମାର୍ଗରେ ପୈଠ କରୁଛି । ତୁମ୍ଭେ ଏହାକୁ ସ୍ୱୀକାର କର । ସୁତରାଂ ସେ ସେହି ଅର୍ଥକୁ ଚାନ୍ଦାରେ ପୈଠ କରିଦେଲେ । ଇମାମ୍ ସାହେବଙ୍କ ପତ୍ନୀ ନବଦୀକ୍ଷିତା ଅଟନ୍ତି । ଆଫ୍ରିକା ଭଳି ଦୂରବର୍ତ୍ତୀ ଅଞ୍ଚଳରେ ବାସ କରନ୍ତି । ସ୍ଥାନୀୟ ମିଶ୍‌ନାରୀ ସାହେବ ବର୍ଣ୍ଣନା କରନ୍ତି ଯେ, ମୁଁ ଯେତେବେଳେ ଗ୍ରାମର ଗସ୍ତ କରି ଫେରି ଆସି ଘରେ ପହଞ୍ଚିଲି ସେତେବେଳେ ସଂପୃକ୍ତ ନବଦୀକ୍ଷିତା ମହିଳା ଜଣକ ଯିଏ 5000 ଫ୍ରାଙ୍କ୍ ଗିନିୟ ଚାନ୍ଦା ପୈଠ କରିଥିଲେ ସେ ପ୍ରସନ୍ନ ଚିତ୍ତ ହୋଇ କହିବାକୁ ଲାଗିଲେ ଯେ, ମୌଲବୀ ସାହେବ ! ଆଜି ମୁଁ ଅଲ୍ଲାଃତାଲାଙ୍କ ସହିତ ଯେଉଁ ବ୍ୟାପାର (ନେଣଦେଣ) କରିଥିଲି। ମୁଁ ସେହି ନେଣଦେଣରୁ ବହୁତ ଲାଭ ଉପାର୍ଜନ କରିଛି । ଆପଣଙ୍କ ଯିବା ପରେ ଅଲ୍ଲାଃତାଲା ମୋତେ ଜଣେ ସଂପର୍କୀୟଙ୍କ ମାଧ୍ୟମରେ ୪0,000 ଫ୍ରାଙ୍କ୍ ଗିନି ଟଙ୍କା ପ୍ରେରଣ କରିଦେଲେ । ଏହା ମୋର ବଳିଦାନ ଠାରୁ ଢେର ଗୁଣା ଅଧିକ ଅଟେ ।

ଗିନି କନାକେରୀରୁ ହିଁ ଜାଲୁ ସାହେବ ନାମକ ଜନୈକ ସ୍ଥାନୀୟ ମିଶନାରୀ ସାହେବ କୁହନ୍ତି, ଦଶ ଦିବସୀୟ ତେହ୍‌ରିକେ ଜଦିଦ୍ ପାଳନ କରିବା ସମସୟରେ କୋନ୍ତାୟା (Kontayah) ନାମକ ଏକ ଗ୍ରାମରେ ମୁଅଲ୍ଲିମ୍ ସାହେବ ଚାନ୍ଦା ଆଦାୟ କରିବା ନିମନ୍ତେ ପହଞ୍ଚିଲେ । ଶେଖ୍ ସାହେବ ନାମକ ଜଣେ ନବଦୀକ୍ଷିତ 30,000 ଫ୍ରାଙ୍କ୍ ଗିନି ଚାନ୍ଦା ତେହ୍‌ରିକେ ଜିଦଦ୍‌ର ପାଣ୍ଠିରେ ପୈଠ କରିବା ପାଇଁ ୱାଦା କରି ପହଞ୍ଚିଲେ। ତାଙ୍କୁ ଯେତେବେଳେ ୱାଦା ପୈଠ କରିବା ନିମନ୍ତେ କୁହାଗଲା ସେତେବେଳେ ସେ କହିଲେ, ମୋ ପାଖରେ ଆଜି ଘର ଖର୍ଚ୍ଚ ପାଇଁ ମୋଟ୍ 30,000 ଟଙ୍କା ରହିଛି । କିନ୍ତୁ ମୁଁ ଏହାକୁ ଅଲ୍ଲାଃତାଲାଙ୍କ ମାର୍ଗରେ ଉପସ୍ଥାପିତ କରୁଛି । ଅଲ୍ଲାଃତାଲା ଏହାକୁ ସ୍ୱୀକାର କରନ୍ତୁ । ପରବର୍ତ୍ତୀ ଦିନ ଅତ୍ୟନ୍ତ ଉତ୍ସାହପୂର୍ଣ୍ଣ ଢଙ୍ଗରେ ଶ୍ରୀମାନ୍‌ଙ୍କର ଫୋନ୍ ଆସିଲା । ସେ କହିଲେ, ଅଲ୍ଲାଃତାଲା ମୋର ବଳିଦାନକୁ ସ୍ୱୀକାର କରିନେଲେ । ଚାନ୍ଦା ଦେବାକୁ ବର୍ତ୍ତମାନ ଏକ ଘଣ୍ଟା ପୂରି ନଥିଲା କି ମୋର ପୁତ୍ର ମୋତେ ତିନି ଲକ୍ଷ ଫ୍ରାଙ୍କ୍ ଗିନି ଟଙ୍କା ଘରର ଖର୍ଚ୍ଚ ନିମନ୍ତେ ପ୍ରେରଣ କରିଦେଲା । ଶ୍ରୀମାନ୍ ମହୋଦୟ ବର୍ଣ୍ଣନା କରନ୍ତି, ଅଲ୍ଲାଃତାଲା ମୋର ବିଶ୍ୱାସକୁ ଉକ୍ତ ଘଟଣା ପରେ ଦାର୍ଢ୍ୟତା ପ୍ରଦାନ କଲେ । ଜମାଅତ୍ ଆମ ଠାରୁ ଯେଉଁ ଚାନ୍ଦା ଆଦାୟ କରିଥାଏ ତାହା ଅଲ୍ଲାଃତାଲାଙ୍କ ମାର୍ଗରେ ହିଁ ଖର୍ଚ୍ଚ ହୋଇଥାଏ । ମୁଁ ବର୍ତ୍ତମାନ ଏହିପରି ବଳିଦାନ କରୁଥିବି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ତାଙ୍କର ମଧ୍ୟ ସନ୍ତୁଷ୍ଟି ହୋଇଗଲା ଯେ, ଅଲ୍ଲାଃତାଲା ଯାହା ପ୍ରଦାନ କରିଛନ୍ତି ତାହା ଏଇଥି ପାଇଁ ଯେ, ସେହି ଅର୍ଥର ବ୍ୟୟ ମଧ୍ୟ ସଠିକ୍ ଅଟେ । ଅର୍ଥ ଅପଚୟ ହୋଇ ନଥାଏ ।

କାଜାଖିସ୍ତାନରୁ ମିଓତୋଫ୍ ସାହେବ ନାମକ ଜନୈକ ବନ୍ଧୁ ଅଟନ୍ତି । ସେ ନିୟମିତ ଭାବରେ ଚାନ୍ଦା ଦେବାରେ ଅଂଶ ଗ୍ରହଣ କରିଥାଆନ୍ତି । ସେ କୁହନ୍ତି, ଜୁନ୍ ମାସରେ ମୋତେ ଚାକିରୀରୁ ବହିଷ୍କୃତ କରିଦିଆଗଲା ଏବଂ ମୋର ଯେତେ ଦରମା ଥିଲା ତାହା ମାଲିକ ମୋତେ ପୈଠ କରିଦେଲେ । ବର୍ତ୍ତମାନ ମୁଁ ପେନ୍‌ସନ ପାଉଛି । ଚାକିରୀରୁ ବାହାରିବା ପରେ କିଛି ମାସ ପରେ କେତେକ ରୋଗ ଦ୍ୱାରା ଆକ୍ରନ୍ତ ହେବା ଫଳରେ ମୋତେ ମହଙ୍ଗା ଔଷଧ ଏବଂ ଅନ୍ୟାନ୍ୟ ଜିନିଷ କିଣିବାକୁ ପଡ଼ିଲା । କିନ୍ତୁ ଆର୍ଥିକ ବଳିଦାନ ଦେବା ନିମନ୍ତେ ସାମର୍ଥ୍ୟ ନହେବା ଯୋଗୁଁ ଅନେକ ସମସ୍ୟାରେ ସମସ୍ୟାଗ୍ରସ୍ତ ହୋଇ ରହୁଥିଲି । ପରବର୍ତ୍ତୀ ଦିନ ଗଳିରେ ଚାଲିବା ସମୟରେ ମୋ ମନରେ ନିଜର କ୍ରେଡ଼ିଟ୍ କାର୍ଡ଼ ଚେକ୍ କରିବାର ବିଚାର ଆସିଲା। ମୁଁ ଜାଣିଥିଲି ଯେ, ମୋର କ୍ରେଡ଼ିଟ୍ କାର୍ଡ଼ ଶୂନ୍ୟ ଥିବ । କାର୍ଡ଼ରେ କିଛି ଟଙ୍କା ନଥିବ, ତଥାପି ଚେକ୍ କରିବାର ମନ ବଳାଇଲି । ଯେତେବେଳେ ମୁଁ କାର୍ଡ଼ ଚେକ୍ କଲି ସେତେବେଳେ ମୁଁ ଆଶ୍ଚର୍ଯ୍ୟ ଚକିତ ଥିଲି । ମୋ ଆଶ୍ଚର୍ଯ୍ୟର ସୀମା ଆଉ ନଥିଲା । କାରଣ କାର୍ଡ଼ରେ ଏକ ଲକ୍ଷ ୨0,000 ସ୍ଥାନୀୟ ମୁଦ୍ରା ଉପସ୍ଥିତ ଥିଲା । ମୁଁ ବିସ୍ମିତ ଥିଲି ଏବଂ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରୁଥିଲି । ଅର୍ଥର କୌଣସି କାରଣ ନଦର୍ଶାଇ ସେହି କମ୍ପାନୀ ପକ୍ଷରୁ ଯେଉଁ କମ୍ପାନୀରୁ ମୋତେ (ମୁସ୍ତଫା ସାହେବଙ୍କୁ) ବହିଷ୍କୃତ କରିଦିଆ ଯାଇଥିଲା ସେହି କମ୍ପାନୀ ପକ୍ଷରୁ ମୋ ଆକାଉଣ୍ଟକୁ ଟଙ୍କା ଟ୍ରାନ୍‌ସଫର୍ କରି ଦିଆଯାଇଥିଲା । ମହୋଦୟ କୁହନ୍ତି ଯେ, ସେ କମ୍ପାନୀକୁ ଫୋନ କଲେ ଯେ, କେଉଁ କାରଣରୁ ତାଙ୍କ ଆକାଉଣ୍ଟକୁ ଏତେ ଟଙ୍କା ଆସିଛି । କମ୍ପାନୀର ମାଲିକ ଉକ୍ତ ଟଙ୍କା ତାଙ୍କର ବିଶ୍ୱସ୍ତତା ଏବଂ ସତ୍ୟବାଦୀତା ଯୋଗୁଁ ଭେଟି ସ୍ୱରୂପ ପ୍ରରଣ କରିଛନ୍ତି। ମହୋଦୟ କୁହନ୍ତି ଯେ, ଏହି ସମସ୍ତ କଲ୍ୟାଣ ତେହ୍‌ରିକେ ଜଦିଦ୍ ଏବଂ ୱକ୍‌ଫେ ଜିଦଦ୍‌ର ଚାନ୍ଦା ଦେବାର ପରିଣାମ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମାଲେସିଆରୁ ଭକ୍ରା (Bhakra) ସାହେବ ନାମକ ଜଣେ ବନ୍ଧୁ ଅଟନ୍ତି । ସେ କୁହନ୍ତି ମୋର ବ୍ୟକ୍ତିଗତ ଅନୁଭୂତି ରହିଛି ଯେ, 2016-2017 ମସିହା ମଧ୍ୟରେ ମୁଁ ତେହ୍‌ରିକେ ଜଦିଦ୍‌ରେ 1000 ରିଙ୍ଗଟ୍ ଟଙ୍କାର ୱାଦା କଲି । ଇତି ମଧ୍ୟରେ ମୁଁ ନିଜର ଆର୍ଥିକ ପରିସ୍ଥିତି ଯୋଗୁଁ ଚାନ୍ଦା ପୈଠ କରିବାକୁ ଅକ୍ଷମ ଥିଲି ଏବଂ ମୋ ପକ୍ଷେ ସେତେବେଳେ ଚାନ୍ଦା ପୈଠ କରିବା କଷ୍ଟକର ବ୍ୟାପାର ଥିଲା ଓ ମୋର ବ୍ୟବସାୟ ପ୍ରଭାବିତ ହେଉଥିଲା । ସେହି ଚିନ୍ତିତ ଅବସ୍ଥାରେ ମୁଁ ଆଶା କରୁଥିଲି ଯେ, ମୁଁ ମୋର ୱାଦା ସଂପୂର୍ଣ୍ଣ ରୂପେ ପୈଠ କରିଦେବି । କିନ୍ତୁ ପଇସା ଏକତ୍ରିତ କରିପାରୁ ନଥିଲି । ତେଣୁ ମୁଁ କେବଳ ଅଲ୍ଲାଃତାଲାଙ୍କ ନିକଟରେ କେବଳ ଏତିକି ପ୍ରାର୍ଥନା କରୁଥିଲି ଯେ, ହେ ପ୍ରଭୁ ! ମୋର ଅନ୍ତର୍ନିହିତ ଉଦ୍ଦେଶ୍ୟ ଯଦି ସତ୍ ରହିଛି ଏବଂ ଜମାଅତ୍ ପ୍ରକୃତ ରୂପେ ସତ୍ୟ ତେବେ ନିଃସନ୍ଦେହ ରୂପେ ତୁମେ ସହଜତା ସୃଷ୍ଟି କରିବ । ୱାଦାଜାତ୍ (ପ୍ରତିଶ୍ରୁତିମୂଳକ ଚାନ୍ଦା)ର ପୈଠ କରିବା ନିମନ୍ତେ ଶେଷ ଦିନର ଗୋଟିଏ ଦିନ ପୂର୍ବେ ଦୈବାତ୍ ବ୍ୟବସାୟରୁ ମୋତେ ଯେଉଁ ଆୟ ପ୍ରାପ୍ତ ହେଲା ଏବଂ ତାହା ମୋଟ୍ ଏକ ହଜାର ରିଙ୍ଗଟ୍ ଥିଲା । ମୁଁ କିଛି ନଭାବି ନବୁଝି ସେକ୍ରେଟାରୀ ମାଲ୍ ଘରକୁ ଗଲି ଏବଂ ତାଙ୍କୁ ଏକ ହଜାର ରିଙ୍ଗଟ୍ ଚାନ୍ଦା ପୈଠ କରିଦିଲି । ଉକ୍ତ ଘଟଣା ପରେ ଏହି ଜମାଅତ୍ ଉପରେ ମୋର ପୂର୍ଣ୍ଣ ବିଶ୍ୱାସ ରହିଛି । ହୁଜୁର ଅନ୍‌ୱର ଅ.ବ କହିଲେ, ଯଦି ଆମମାନଙ୍କର ଉଦ୍ଦେଶ୍ୟ, ଅଭିପ୍ରାୟ ଜମାଅତ୍ ଏବଂ ଇସଲାମ୍ ଧର୍ମର ଉନ୍ନତି ସକାଶେ ନୈଷ୍ଠିକ ଓ ସତ୍ ହୋଇଥିବ ତେବେ ଅଲ୍ଲାଃତାଲା ଅବଶ୍ୟ ଅସାଧାରଣ ଭାବରେ ସହଜତା ସୃଷ୍ଟି କରିଦେଇ ଥାଆନ୍ତି । ସୁତରାଂ ଏହା ଏକ ପ୍ରକାରର ଚିନ୍ତାଧାର ଅଟେ ଯାହା ସଂସାରର ପ୍ରତ୍ୟେକ ଦେଶରେ ବାସ କରୁଥିବା ଅହେମଦିଙ୍କର ଚିନ୍ତାଧାର ଅଟେ । କିନ୍ତୁ ମଝିରେ ହଜାର ମାଇଲ୍‌ର ବ୍ୟବଧାନ ରହିଛି । କିନ୍ତୁ ଅଲ୍ଲାଃତାଲା ଏହିପରି ଲୋକମାନଙ୍କର ବିଶ୍ୱାସକୁ ଦୃଢୀଭୂତ କରିଥାଆନ୍ତି ଏବଂ ଜମାଅତ୍‌ର ସତ୍ୟତା ମଧ୍ୟ ପରିପ୍ରକାଶିତ କିରଦେଇ ଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜର୍ମାନୀର ଜଣେ ବନ୍ଧୁ ଅଟନ୍ତି ସେ କୁହନ୍ତି, ମୋର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନହେବା ଯୋଗୁଁ କାମ କରିବାର ଅବଧି କମ୍ ହୋଇଯାଇଥିଲା। ଯଦ୍ଦ୍ୱାରାକି ମୋର ଆୟ ମଧ୍ୟ ହ୍ରାସ ପାଇଥିଲା । ଯେଉଁ ଦିନ ତେହ୍‌ରିକେ ଜଦିଦ୍‌ର ସେମିନାର (ଆଲୋଚନା ଚକ୍ର) ଥିଲା ସେତେବେଳେ ବିଶ୍ୱାସବର୍ଦ୍ଧକ ଘଟଣା ଶୁଣି ମୁଁ ନିଜ ମନରେ ଅଲ୍ଲାଃତାଲାଙ୍କ ନିକଟରେ ୱାଦା କଲି ଯେ, ମୁଁ 500 ହଜାର ୟୁରୋ ଅତିରିକ୍ତି ଚାନ୍ଦା ପୈଠ କରିବି । ଏଥି ସଂକ୍ରାନ୍ତରେ ସେ ଦୁଆ ନିମନ୍ତେ ମୋତେ ପତ୍ର ମଧ୍ୟ ଲେଖିଲେ ଏବଂ ସ୍ୱୟଂ ମଧ୍ୟ ଦୁଆ କଲେ । ଅଲ୍ଲାଃତାଲା ତାଙ୍କ ଉପରେ ନିଜର କୃପାବତୀର୍ଣ୍ଣ କଲେ ଏବଂ ତେହ୍‌ରିକେ ଜଦିଦ୍‌ର ପ୍ରଥମ ୱାଦା ପୈଠ କରି ସାରିବା ପରେ ଅତିରିକ୍ତ 600 ୟୁରୋ ତାଙ୍କୁ ପୈଠ କରିବାକୁ ସମାର୍ଥ୍ୟ ପ୍ରାପ୍ତ ହୋଇଥିଲା। କିଛି ଦିନ ଗଲା ପରେ ଅନ୍ୟ ଏକ ଓଭର ଫ୍ରମ୍‌ର ଫୋନ୍ ଆସିଲା, ସେହି ଓଭର ଫ୍ରମ୍ କହିଲା କି ଯଦି ଆପଣ ପ୍ରଥମ ଓଭର ଫ୍ରମ୍ କାର୍ଯ୍ୟାଳୟକୁ ଛାଡ଼ି ଆମ ପାଖରେ କାମ କରନ୍ତି ତେବେ ଆମେ ଆପଣଙ୍କୁ ପୂର୍ବ ଓଭର ଫ୍ରମ କାର୍ଯ୍ୟାଳୟର ଦରମା ତୁଳନାରେ 1000 ୟୁରୋ ଅଧିକ ଦେବୁ । ସୁତାରାଂ ମୁଁ ବହୁତ ଭାବି ଚିନ୍ତି ଏହି ନିଷ୍ପତ୍ତି ନେଲି ଯେ, ମୁଁ ଉକ୍ତ ନୂତନ ଫ୍ରମ୍‌ରେ କାମ କରିବି । **(ଅବଶିଷ୍ଟାଂଶ.....ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan